# ମାଁ ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟରେ ବିଗୁଡୁଛି ଶିକ୍ଷା ବ୍ୟବସ୍ଥା

## ଉଚ୍ଚଶିକ୍ଷାମନ୍ତ୍ରୀଙ୍କୁ ଭେଟିଲା ପୁରାତନ ଛାତ୍ର ସଂଘ



**ଭବାନୀପାଟଣା,୧୫ ।୧୧(ସମିସ):** ମାଁ ମାଣିକେଶ୍?ରୀ ବିଶ୍ୱବିଦ୍ୟାଳୟରେ ଗତ କିଛିମାସ ଧରି ଶିକ୍ଷା ବ୍ୟବସ୍ଥା ଦିଗହରା ହୋଇପଡ଼ଛି । ଏହାକୁ ନେଇ କେତେକ ବୁଦ୍ଧିଜିବୀ ଓ ପୁରାତନ ଛାତ୍ରସଂଘ ଗଭୀର ଭାବେ ଚିନ୍ତିତ ହୋଇପଡ଼ିଛନ୍ତି । ବିଶ୍ୱବିଦ୍ୟାଳୟର ସ୍ୱାଭିମାନ ଓ ଅସ୍ମିତା ରକ୍ଷା ପାଇଁ ପୁରାତନ ଛାତ୍ର ସଂଘ ଉଚ୍ଚ ଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜଙ୍କୁ ସ୍ଥାନୀୟ ସାର୍କିଟ ହାଉସ୍‌ଠାରେ ସାକ୍ଷାତ କରି ଦାବିପତ୍ର ପ୍ରଦାନ କରିଛି । ବିଶ୍ୱବିଦ୍ୟାଳୟରେ ହେଉଥିବା ଅନିୟମିତତା ଉପରେ କାର୍ଯ୍ୟାନୁଷ୍ଠାନ ନେବାସହ ଶିଘ୍ର ନୂତନ କୁଳପତି ନିଯୁକ୍ତି ପାଇଁ ମନ୍ତ୍ରୀଙ୍କୁ ଅନୁରୋଧ କରାଯାଇଛି । ସେହିଭଳି ପରୀକ୍ଷା ନିୟନ୍ତ୍ରଣ ବିଭାଗ ଦାୟିତ୍ୱରେ ଥିବା ସମସ୍ତଙ୍କୁ ପରିବର୍ତ୍ତନ କରିବା, ବିଶ୍ୱବିଦ୍ୟାଳୟର ସମସ୍ତ ଗୁରୁତ୍ୱପୂର୍ଣ୍ଣ କମିଟି ସବୁ ଭାଙ୍ଗି ତାହାର ପୁନଃ ଗଠନ କରିବା, ଅଧ୍ୟାପକ ନିଯୁକ୍ତି କରିବା ତଥା ଛାତ୍ରଛାତ୍ରୀଙ୍କ ଅନ୍ୟାନ୍ୟ ସମସ୍ୟା ସମ୍ପର୍କରେ ତାଙ୍କୁ ଅବଗତ କରାଯାଇଛି । ଭୁବନେଶ୍ୱରରେ ଏକ ସମୀକ୍ଷା ବୈଠକ ପରେ ଆଗାମୀ ପଦକ୍ଷେପ ଗ୍ରହଣ କରାଯିବ ବୋଲି ମନ୍ତ୍ରୀ ପ୍ରତିଶ୍ରୁତି ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ସଂଘର ଉପଦେଷ୍ଟା ଜଗନ୍ନାଥ ମୁଣ୍ଡ, ପୁରାତନ ଛାତ୍ର ସଂଘର ସମ୍ପାଦକ ଅବିନାଶ ଠାକୁର, ଉପ ସଭାପତି ଭବେନ୍ଦ୍ର ପଣ୍ଡା, ପୂର୍ବତନ ନଗରପାଳ ଆଦିତ୍ୟ ନନ୍ଦ, ସାମ୍ବାଦିକ ପ୍ରଶାନ୍ତ ପଣ୍ଡା, ପୂର୍ବତନ ଛାତ୍ର ସଂସଦ ସଭାପତି ପ୍ରଦୀପ ମୁଣ୍ଡ, ଅଜିତ ସାହୁ, ପୂର୍ବତନ ମ୍ୟୁନିସିପାଲଟି ଉପାଧକ୍ଷ ଚିତ୍ତରଞ୍ଜନ ମଣ୍ଡଳ, କୈଶବ ବିହାରୀ, ଚିନ୍ମୟ ବେହେରା, ବିକାଶ ରଞ୍ଜନ ବାବୁ, ଅନୁପ ଷଡ଼ଙ୍ଗୀ ପ୍ରମୁଖ ଉପସ୍ଥିତ ଥିଲେ ।

# ବିଶ୍ୱନାଥପୁର ଡାକ୍ତରଖାନା ▶ ତୁରନ୍ତ ଶବବାହକ ଗାଡ଼ି ନ ଦେଲେ ଆନ୍ଦୋଳନ

**ଲାଞ୍ଜିଗଡ, ୧୫ ।୧୧(ସମିସ)**



କଳାହାଣ୍ଡି ଜିଲ୍ଲା ଲାଞ୍ଜିଗଡ ବ୍ଲକ ବିଶ୍ୱନାଥପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରୁ ବାଇକରେ ଶବ ବୁହାହୋଇ ଯିବା ଘଟଣାକୁ ନେଇ ଅଞ୍ଚଳରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି । ଏପରିକି ଶବବାହକ ଗାଡ଼ି କିଣିବାକୁ ପୂର୍ବତନ ରାଜ୍ୟସଭା ସାଂସଦ ସୁଜିତ କୁମାର ତାଙ୍କ ପାଣ୍ଠିରୁ ୯ ଲକ୍ଷ ଟଙ୍କା ମଞ୍ଜୁର କରିଛନ୍ତି; ହେଲେ ୨ ବର୍ଷ ବିତିଯିବା ପରେ ବି ଏହା କାର୍ଯ୍ୟକାରୀ ହୋଇନାହିଁ । ଲାଞ୍ଜିଗଡ ବ୍ଲକକୁ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଅବହେଳା ଓ ବୈମାତୃକ ମନୋଭାବ ପୋଷଣ କରାଯାଉଥିବା ନେଇ ସଙ୍ଗୀନ ଅଭିଯୋଗ ହୋଇଛି ।

କଳାହାଣ୍ଡି ଜିଲ୍ଲାର ସର୍ବାଧିକ ଦୁର୍ଗମ, ଆଦିବାସୀ ଓ ଅନୁସୂଚିତ ଜାତି ଅଧ୍ୟୁଷିତ ଲାଞ୍ଜିଗଡ ବ୍ଲକରେ ଥିବା ସ୍ୱାସ୍ଥ୍ୟକେନ୍ଦ୍ର ଗୁଡ଼ିକରେ ବିଶେଷଜ୍ଞ ଡାକ୍ତର, ଭିତ୍ତିଭୂମିର ଅଭାବ ଭଳି ଏଠାରେ ଶବବାହକ ଗାଡ଼ିଟିଏ ମଧ୍ୟ ନାହିଁ । ଏହାଫଳରେ ଗତ ବୁଧବାର ସନ୍ଧ୍ୟାରେ କୁମଖାଲ ପଞ୍ଚାୟତ ପୁନିଗୁଡ଼ା ଗାଁର ଜଣେ ନାବାଳିକାଙ୍କ ବିଶ୍ୱନାଥପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସାଧୀନ ଭାବେ ମୃତ୍ୟୁ ଘଟିବାରୁ ଗାଡ଼ିଟିଏ ଯୋଗାଡ଼ କରି ନ ପାରି ଶେଷରେ ପରିବାର ଲୋକେ ୧୨ କିମି ଦୂର ବାଇକରେ ଶବ ନେବା ଘଟଣା ସାରା ସଭ୍ୟ ସମାଜକୁ ଲଜ୍ଜିତ କରିଛି । ସ୍ୱାସ୍ଥ୍ୟସେବାକୁ ସର୍ବାଧିକ ପ୍ରାଥମିକତା ଦିଆଯାଉଥିବାବେଳେ ଏହି ଘଟଣା ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗର ଚରମ ଅବହେଳା ଓ ଦାୟିତ୍ୱହୀନତାକୁ ପଦାରେ ପକାଇଦେଇଛି । ଏହା ଜିଲ୍ଲାର ଥୁଆମୂଳ ରାମପୁର ବ୍ଲକର ବହୁଚର୍ଚ୍ଚିତ ଦାନ ମାଝୀ ଘଟଣାର ପୁନରାବୃତ୍ତି ବୋଲି କୁହାଯାଉଛି । ଦୁଃଖ ଓ କ୍ଷୋଭର ବିଷୟ ହେଲା, ଅଞ୍ଚଳବାସୀଙ୍କ ବାରମ୍ବାର ଦାବି, ଅଭିଯୋଗ ଓ ଲଗାତାର ଖବର ପ୍ରସାରଣକୁ ଦୃଷ୍ଟିରେ ରଖି ବ୍ଲକ ପାଇଁ ଏକ ଶବବାହକ ଗାଡ଼ି ଯୋଗାଇଦେବାକୁ ତତ୍କାଳୀନ ରାଜ୍ୟସଭା ସାଂସଦ ସୁଜିତ କୁମାର ଗତ ୨୦୨୧-୨୨ ଆର୍ଥିକ ବର୍ଷରେ ନିଜ ସାଂସଦ ପାଣ୍ଠିରୁ ୯ ଲକ୍ଷ ଟଙ୍କା ମଞ୍ଜୁର କରିଥିଲେ । ଏ ନେଇ ଜିଲ୍ଲା ଯୋଜନା ଓ ପର୍ଯ୍ୟବେକ୍ଷଣ କାର୍ଯ୍ୟାଳୟ ପକ୍ଷରୁ ଜିଲ୍ଲାପାଳଙ୍କ ଦସ୍ତଖତରେ ଚିଠି ନଂ୧୩୨୦-୧୩୨୧/୩୦ ।୧୦ ।୨୦୨୨ ଜାରି କରି ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଏ ଦିଗରେ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେଇଥିଲେ; କିନ୍ତୁ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଦୁଇବର୍ଷ ବିତିଯାଇଥିଲେ ବି କୌଣସି ପଦକ୍ଷେପ ନିଆଯାଇନାହିଁ । ଏହା ଫଳରେ ଜଣେ ଗରିବ ଆଦିବାସୀ ନାବାଳିକାର ଶବ ଶେଷ ସମ୍ମାନ ଟିକକ ପାଇ ପାରିଲା ନାହିଁ । ଏଭଳି ଅମାନବୀୟ ଘଟଣାକୁ ବିଭିନ୍ନ ମହଲରେ ନିନ୍ଦା କରାଯାଇଛି । ଏ ନେଇ ରାଜ୍ୟର ଅଗ୍ରଣୀ ଗ୍ରାମାଞ୍ଚଳ ସାମ୍ବାଦିକ ସଂଗଠନ ଲାଞ୍ଜିଗଡ ପ୍ରେସ କ୍ଲବ, ପିଇଡବ୍ଲ୍ୟୁ ମିଡିଆ ଏସୋସିଏସନ ତଥା ଲାଞ୍ଜିଗଡ ବ୍ଲକ ସାମ୍ବାଦିକମାନେ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ତଥା ଜନସ୍ୱାସ୍ଥ୍ୟ ଅଧିକାରୀଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି । ବିଶ୍ୱନାଥପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ମେଡିକାଲ ଅଫିସର ଡା. ଭବାନୀ ଶଙ୍କର ଲେଙ୍କାଙ୍କୁ ଏହି ଦାବିପତ୍ର ଦେବା ସହିତ ଲାଞ୍ଜିଗଡ ବ୍ଲକ ପାଇଁ ମଂଜୁର ହୋଇଥିବା ସାଂସଦ ପାଣ୍ଠିର ଅର୍ଥରାଶି ବିନିଯୋଗ କରା ନ ଗଲେ ଅନିର୍ଦ୍ଦିଷ୍ଟ କାଳ ପାଇଁ ଧାରଣା ଦେବାକୁ ଚେତାବନୀ ଦିଆଯାଇଛି । ଆସନ୍ତା ପନ୍ଦର ଦିନ ମଧ୍ୟରେ ଅର୍ଥାତ ଆସନ୍ତା ୨୪ ତାରିଖ ସୁଦ୍ଧା ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ସାଂସଦ ପାଣ୍ଠିର ଅଟକେଇ ରଖିଥିବା ଅର୍ଥର ସଦୁପଯୋଗ କରି ଲାଞ୍ଜିଗଡ ବ୍ଲକର ହକ ଓ ଅଧିକାର ଅନ୍ତର୍ଭୁକ୍ତ

- **ପୂର୍ବତନ ରାଜ୍ୟସଭା ସାଂସଦ ସୁଜିତ କୁମାର ୯ ଲକ୍ଷ ଦେଇଛନ୍ତି**
- **ଗାଡ଼ି ନ କଣି ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ଗାଲେଇ ଚାଲିଛି**
- **ତାତିଲେ ବିଶ୍ୱନାଥପୁର ଅଞ୍ଚଳର ସାମ୍ବାଦିକ**

ବିଶ୍ୱନାଥପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ତୁରନ୍ତ ଶବବାହକ ଗାଡ଼ି ଯୋଗାଇଦେବା, ଲାଞ୍ଜିଗଡ ଓ ବିଶ୍ୱନାଥପୁରରେ ଅତ୍ୟାଧୁନିକ ସୁବିଧା ଥିବା ଦୁଇଗୋଟି ଆମ୍ବୁଲାନ୍ସ ପ୍ରଦାନ ପାଇଁ ପଦକ୍ଷେପ ନ ନେଲେ ୨୫ ତାରିଖ ସକାଳ ୬ଟାରୁ ଲାଞ୍ଜିଗଡ ପ୍ରେସ କ୍ଲବ, ପିଇଡବ୍ଲ୍ୟୁ ମିଡିଆ ଏସୋସିଏସନ ତଥା ଲାଞ୍ଜିଗଡ ବ୍ଲକ ସାମ୍ବାଦିକ ସମୂହ ଓ ନାଗରିକ କମିଟି ପକ୍ଷରୁ ବିଶ୍ୱନାଥପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଫାଟକରେ ଅନିର୍ଦ୍ଦିଷ୍ଟ କାଳ ପାଇଁ ଧାରଣା ଦିଆଯିବ ବୋଲି ଚେତାବନୀ ଦିଆଯାଇଛି । ଏହି ସମୟରେ କୌଣସି ଅଘଟଣ, ଅପ୍ରୀତିକର ପରିସ୍ଥିତି ଉପୁଜିଲେ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ଓ ଜିଲ୍ଲା ପ୍ରଶାସନ ସଂପୂର୍ଣ୍ଣ ଭାବେ ଦାୟୀ ରହିବ ବୋଲି ଚେତାବନୀ ଦିଆଯାଇଛି । ଏ ନେଇ କଳାହାଣ୍ଡି ଜିଲ୍ଲାପାଳ, ବିଶ୍ୱନାଥପୁର ଥାନା ଅଧିକାରୀ, ଲାଞ୍ଜିଗଡ ଥାନାଧିକାରୀ ଏବଂ ପୂର୍ବତନ ରାଜ୍ୟସଭା ସାଂସଦ ସୁଜିତ କୁମାରଙ୍କ ଅବଗତି ଓ କାର୍ଯ୍ୟାନୁଷ୍ଠାନ ପାଇଁ ଜଣାଇ ଦିଆଯାଇଛି । ଲାଞ୍ଜିଗଡ ପ୍ରେସ କ୍ଲବର ସଭାପତି ସୁଶୀଲ ବାଗଙ୍କ ନେତୃତ୍ୱରେ ବରିଷ୍ଠ ସାମ୍ବାଦିକ ତଥା ପ୍ରେସ କ୍ଲବର ଉପଦେଷ୍ଟା କୈଳାସ ସାହୁ, କୋଷାଧ୍ୟକ୍ଷ ପରେଶ ନାୟକ, ସଦସ୍ୟ ପ୍ରଭୁରଞ୍ଜନ ସାମଲ, ଦିଲୀପ ନାଏକ, ପିଇଡବ୍ଲୁ ମିଡ଼ିଆ ଆସୋସିଏସନର ସଭାପତି ନୀଳେଶ ନାଗ, ସାଧାରଣ ସମ୍ପାଦକ ଗୋପାଳ ଦାସ ମହାନନ୍ଦ, କୋଷାଧକ୍ଷ ତୁଳସୀରାମ ପ୍ରଧାନୀ, ସଦସ୍ୟ ମଳୟ ବେନୁଆ, ମନୋଜ ଦୋରା, ସୁଶାନ୍ତ ମାଝୀ, ଜଗତ ପାତ୍ର ପ୍ରମୁଖ ଏହି ଦାବିପତ୍ର ପ୍ରଦାନ ସମୟରେ ଉପସ୍ଥିତ ଥିଲେ ।

# ସିନାପାଲିରେ ବିର୍ସା ମୁଣ୍ଡାଙ୍କ ଜୟନ୍ତୀ



**ସିନାପାଲି,୧୫ ।୧୧(ସମିସ):** ନୂଆପଡ଼ା ଜିଲ୍ଲା ସିନାପାଲି ବ୍ଲକର ବିଭିନ୍ନ ସ୍ଥାନରେ ଭଗବାନ ବିର୍ସା ମୁଣ୍ଡାଙ୍କ ଜୟନ୍ତୀ ପାଳିତ ହୋଇଯାଇଛି । ୨୦୨୫ ବର୍ଷକୁ ଜନ ଜାତୀୟ ଗୌରବ ଦିବସ ଭାବରେ ପାଳନ ପାଇଁ ସ୍ୱତନ୍ତ୍ର ପଲ୍ଲୀସଭା, ଆଦିବାସୀ ଓ ଗାଁ ଜଙ୍ଗଲର ବିକାଶ ପାଇଁ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ବ୍ଲକର ଚଟିଆଗୁଡ଼ା, ଡଙ୍ଗରୀଗୁଡ଼ା, ସିଟିଲିଖଲିଆ, ମହେଶ୍ୱର, ମାଣ୍ଡିଆରୁଚା, ଖଇରପଦର, ନୁଆମାଳପଡା, ଗୋର୍ଲା, ମାଳପଡ଼ା, ଭଟ୍ଟାପାଣି, ନଙ୍ଗଲବୋର୍ଡ, ଘାଟମାଳ, ଯୋଗଭଟ୍ଟା ଓ ତାଲାକୋଟ ଆଦି ଗ୍ରାମରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ପ୍ରାରମ୍ଭରେ ସହିଦ ବିର୍ସା ମୁଣ୍ଡାଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ ପରେ ସ୍ମୃତିଚାରଣ କରାଯାଇଥିଲା । ସ୍ୱତନ୍ତ୍ର ଗ୍ରାମ ସଭା କରାଯାଇ ଗାଁର ବିକାଶ ମୂଳକ କାର୍ଯ୍ୟ ଉପରେ ଆଲୋଚନା କରାଯାଇଥିଲା । ୧୪ଟି ଗ୍ରାମରେ ସ୍ଥାନୀୟ ସରପଞ୍ଚଙ୍କ ସଭାପତିତ୍ୱରେ ସଭା ଅନୁଷ୍ଠିତ ହୋଇଥିବା ବେଳେ ପଞ୍ଚାୟତ ନିର୍ବାହୀ ଅଧିକାରୀ କାର୍ଯ୍ୟ ପରିଚାଳନା କରିଥିଲେ । ସେହିପରି ସିନାପାଲି ବିଡ଼ିଓ କାର୍ମୀ ଓରାମ, ସିନାପାଲି ବ୍ଲକ ପଞ୍ଚାୟତ ଅଧିକାରୀ ସଞ୍ଜୟ ନନ୍ଦ ଓ ବ୍ଲକ ମଙ୍ଗଳ ଅଧିକାରୀ ସୁନୀଲ ସାମଲ ପ୍ରମୁଖ ନୋଡାଲ ଅଧିକାରୀ ଭାବରେ ଥିଲେ । ସିନାପାଲି ବ୍ଲକ ଚଟିଆଗୁଡା ପଞ୍ଚାୟତରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସରପଞ୍ଚ ରଙ୍ଗିତା ପାତ୍ର ସଭାପତିତ୍ୱରେ ଅତିଥି ଭାବରେ ପଞ୍ଚାୟତ ଅଧିକାରୀ ସଞ୍ଜୟ ନନ୍ଦ, ପ୍ରାଣୀ ଚିକିତ୍ସା ଅଧିକାରୀ କୃଷ୍ଣଚନ୍ଦ୍ର ମଲ୍ଲିକ, ରିସୋର୍ଶ ପର୍ସନ ଭାବରେ ଶୁଭ୍ରାଂଶୁ କୁମାର ନାଏକ, ଗଣ୍ଡାରାମ ମାଝି, ନାଏବ ସରପଞ୍ଚ ପ୍ରମୁଖ ମଞ୍ଚାସିନ ରହିଥିଲେ । ସେହିପରି ବିଭିନ୍ନ ସ୍ଥାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମେଘନାଦ ଖର୍ସେଲ, ଉଦିତ ନାରାୟଣ ଖର୍ସେଲ, ଜଗଦୀଶ ମାଝି,ଟେକରାମ ମାଝି, ସଞ୍ଜୟ ପ୍ରଧାନ, ଦମୟନ୍ତୀ ଦଣ୍ଡସେନାଙ୍କ ସମେତ ଅନେକ ସାମିଲ ହୋଇଥିଲେ ।

**ଧର୍ମଗଡ଼:** ଧର୍ମଗଡ଼ସହରସ୍ଥିତ ଆଦିବାସୀ ଭବନରେ ସହିଦ ବିର୍ସା ମୁଣ୍ଡାଙ୍କ ୧୫୦ ତମ ଜୟନ୍ତୀ ପାଳନ କରାଯାଇଛି । ଗୋବର୍ଦ୍ଧନ ମାଝୀ,ଜୀବନ୍ତ ମାଝୀ, ଚିତ୍ରସେନ ମାଝୀ, ବିଶ୍ୱମ୍ବର ଶବର, ଦିଲୀପ ପୂଝାରୀ, ମନୋଜ ମାଝୀ, ପ୍ରଦୀପ ମାଝୀ, ଦୁର୍ଜନ ଶବର, ଶ୍ୟାମ ସୁନ୍ଦର ମାଝୀ ପ୍ରମୁଖ ଉପସ୍ଥିତ ଥିଲେ ।



# ଜିଲ୍ଲାସ୍ତରୀୟ ଜନଜାତୀୟ ଗୌରବ ଦିବସ ସମାରୋହ





**ଭବାନୀପାଟଣା,୧୫ ।୧୧(ସମିସ):** ମା' ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟ ଖେଳ ପଡିଆରେ ସ୍ୱାଧୀନତା ସଂଗ୍ରାମୀ ସହିଦ ବିର୍ସାମୁଣ୍ଡା ୧୫୦ତମ ଜନ୍ମ ଜୟନ୍ତୀ ପାଳନର ଅବସରରେ କଳାହାଣ୍ଡି ଜିଲ୍ଲାସ୍ତରୀୟ ଜନଜାତୀୟ ଗୌରବ ଦିବସ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପାଳ ପାୱାର ସଚିନ ପ୍ରକାଶ ଏଥିରେ ଅଧ୍ୟକ୍ଷତା କରିଥିଲେ । ମୁଖ୍ୟ ଅତିଥି ଭାବେ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଯୋଗଦେଇ ପ୍ରଦର୍ଶନୀ ମେଳାର ଉଦ୍‌ଘାଟନ କରିଥିଲେ । ଜିଲ୍ଲାପାଳ ପାୱାର ସଚିନ ପ୍ରକାଶ ସ୍ୱାଗତ ଅଭିଭାଷଣ ପ୍ରଦାନ କରିବା ସହିତ ଜନଜାତୀୟ ଗୌରବ ଦିବସ ପାଳନର ତାତ୍ପର୍ଯ୍ୟ ଉପରେ ମତବ୍ୟକ୍ତ କରିଥିଲେ । ମୁଖ୍ୟ ଅତିଥି ମନ୍ତ୍ରୀ ତାଙ୍କ ଅଭିଭାଷଣରେ ଜନଜାତୀୟ ଗୌରବ ଦିବସ ପାଳନ ସମ୍ପର୍କରେ ଉଲ୍ଲେଖ କରିଥିଲେ । ସହିଦ୍ ବିର୍ସାମୁଣ୍ଡାଙ୍କ ଆଦର୍ଶ ଆଦଜୀବନୀ ଉପରେ ଆଲୋକପାତ କରି ଜନଜାତି ସମ୍ପ୍ରଦାୟର ବିକାଶ ଓ ଉନ୍ନତି ପାଇଁ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଭିନ୍ନ ଜନକଲ୍ୟାଣକାରୀ ଯୋଜନା ଓ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିଲେ । ଏହି ସମାରୋହରେ ସମ୍ମାନିତ ଅତିଥି ଭାବେ ସାଂସଦ ମାଳବିକା ଦେବୀ, ଧର୍ମଗଡ ବିଧାୟକ ସୁଧୀର ପଟ୍ଟଯୋଷୀ, ବିଜେପି ଜିଲ୍ଲା ସଭାପତି ଆର୍ତ୍ତତ୍ରାଣ ମହାପାତ୍ର, ଅତିରିକ୍ତ ଜିଲ୍ଲାପାଳ ତନ୍ମୟ ଦରୱାନ ଯୋଗଦେଇ ଜନଜାତୀୟ ଗୌରବ ଦିବସ ପାଳନର ଉଦ୍ଦେଶ୍ୟରେ ସୂଚାଇଥିଲେ । ଏହି ଅବସରରେ ଯୋଗ୍ୟ ହିତାଧିକାରୀଙ୍କୁ ଜଙ୍ଗଲ ଜମି ପଟ୍ଟା, ପ୍ରଧାନମନ୍ତ୍ରୀ ଜନମନ ଯୋଜନା ହିତାଧିକାରୀଙ୍କୁ ଗୃହ ଆବଣ୍ଟନ, ପ୍ରଧାନମନ୍ତ୍ରୀ ଗ୍ରାମୀଣ ଆବାସ ଯୋଜନା କାର୍ଯ୍ୟାଦେଶ ପ୍ରଦାନ କରାଯାଇଥିଲା ।

ଏଥିରେ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ବଇତାରୁ ଦୀପ, ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ଜିଲ୍ଲାପରିଷଦ ଦୟାମୟ ପାଢୀ, ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା ସୁଚେତା ପାଣି, ଧର୍ମଗଡ ଉପ ଜିଲ୍ଲାପାଳ ଧୀମାନ ଚାକମା, ରାମକୃଷ୍ଣ ଗଣ୍ଡ, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଆନନ୍ଦ ବର୍ଦ୍ଧନ ଗୁରୁ, ଜିଲ୍ଲା ମଙ୍ଗଳ ଅଧିକାରୀ ଅରବିନ୍ଦ ରାୟ, ଜିଲ୍ଲା ପଞ୍ଚାୟତ ଅଧିକାରୀ ନୃସିଂହ ଚରଣ ପଟ୍ଟନାୟକ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ହଳଧର ନିଆଲ, ଜିଲ୍ଲା ସଂସ୍କୃତି ଅଧିକାରୀ ବିବେକାନନ୍ଦ ମହାନନ୍ଦ, ଡେପୁଟି କଲେକ୍ଟର ଚନ୍ଦ୍ରଦାସ ମହାନନ୍ଦିଆ, ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ ମୁଜିବୁନ ନିଶାଙ୍କ ସମେତ ବିଭିନ୍ନ ବିଭାଗୀୟଅଧିକାରୀ, ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ, ଛାତ୍ରଛାତ୍ରୀ, ବରିଷ୍ଠ ନାଗରିକ, ଜନପ୍ରତିନିଧି ପ୍ରମୁଖ ଯୋଗ ଦେଇଥିଲେ । ଶିକ୍ଷାବିତ୍ ଡକ୍ଟର ଉମେଶ ଚନ୍ଦ୍ର ଶତପଥୀ ପରିଚାଳନା କରିଥିଲେ । ଶେଷରେ ଅତିରିକ୍ତ ଜିଲ୍ଲାପାଳ ତନ୍ମୟ ଦରୱାନ ଧନ୍ୟବାଦ ଅର୍ପଣ କରିଥିଲେ ।

# ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ପୋଷାକ ବିତରଣ




**କେସିଙ୍ଗା,୧୫ ।୧୧(ସମିସ):** ସ୍ଥାନୀୟ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ପୋଷାକ ବିତରଣ କରାଯାଇଛି । ଏହି ଅବସରରେ ବିଦ୍ୟାଳୟ ପରିଚାଳନା ସମିତିର ସଭାପତି ଶିବ ପ୍ରସାଦ ସାହୁ ମୁଖ୍ୟ ଅତିଥି ରୂପେ ଯୋଗ ଦେଇଥିଲେ । ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସମୀର ବେହେରା ସଭାପତିତ୍ୱ କରିଥିଲେ । ବିଦ୍ୟାଳୟରେ ଷଷ୍ଠରୁ ଅଷ୍ଟମ ଶ୍ରେଣୀରେ ଅଧ୍ୟୟନ କରୁଥିବା ସମୁଦାୟ ୯୮ ଛାତ୍ରୀଙ୍କୁ ପୋଷାକ ବଣ୍ଟନ କରାଯାଇଥିଲା । ଶିକ୍ଷକ ହେମନ୍ତ ମହୁଲିଆଙ୍କ ସମେତ ବିଦ୍ୟାଳୟ ପରିଚାଳନା ସମିତିର ସଭାପତି, ସଭ୍ୟସଭ୍ୟା, ଅଭିଭାବକ, ବିଦ୍ୟାଳୟର ଶିକ୍ଷକ, ଶିକ୍ଷୟିତ୍ରୀ ଉପସ୍ଥିତ ଥିଲେ । ଶିକ୍ଷକ ଜି. କ୍ରିଷ୍ଣା ରେଡ୍ଡୀ ପରିଚାଳନା କରିଥିଲେ ।

# ଓଡ଼ିଶା ଆଦର୍ଶ ବିଦ୍ୟାଳୟରେ ବିଜ୍ଞାନ ମେଳା

**ମ.ରାମପୁର,୧୫ ।୧୧(ସମିସ):** ମ.ରାମପୁର ବ୍ଲକ ମଦନପୁରରେ ଥିବା ଓଡ଼ିଶା ଆଦର୍ଶ ବିଦ୍ୟାଳୟରେ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇ ଯାଇଛି । ବିଦ୍ୟାଳୟର ଅଧକ୍ଷ ସଞ୍ଜୟ ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଅତିଥି ଭାବରେ ଶିଳ୍ପପତି ବିଭୁ ପ୍ରସାଦ ସାହୁ ଯୋଗ ଦେଇ ବିଜ୍ଞାନ ମେଳା ଉଦ୍‌ଘାଟନ କରିଥିଲେ । ଶିକ୍ଷକ ରିପୁ ଦମନ ମିଶ୍ର, ଲାଲୁ ନିଆଲ ଉଦ୍‌ବୋଧନ ଦେଇଥିଲେ । ଆଶିଷ ପଣ୍ଡା, ଅର୍ଚ୍ଚନା ରାଉତ, ବିଭୂତି ବିଶ୍ୱାଳ, ବାଦଲ ନାଗ, ଗଣେଶ ଦୋରା, ସୁବଳ ପଧାନ, ମଳୟ ବାଗ, ଜଗମୋହନ ସୁନା, ମହେନ୍ଦ୍ର ବେଶ୍ରା, ଜଗନ୍ନାଥ ବିଶ୍ୱାଳ, ସିମନ୍ତିନି ମାର୍ଥା ପ୍ରମୁଖ ମଞ୍ଚାସୀନ ଥିଲେ । ବିଜ୍ଞାନ ଶିକ୍ଷକ ଗଣେଶ ଦୋରାଙ୍କ ପରିଚାଳିତ ଏହି ମେଳାରେ ବିଚାରକ ଭାବରେ ଆଶିଷ ପଣ୍ଡା, ଅର୍ଚ୍ଚନା ରାଉତ ଓ ବିଭୂତି ବିଶ୍ୱାଳ ଯୋଗ ଦେଇଥିଲେ ।



## ୩୨ତମ କୁମାରସ୍ୱାମୀ ମହୋତ୍ସବର ଦ୍ୱିତୀୟ ଦିବସ

# ସମ୍ରାଟ ଗୋସିଙ୍ଗ ଦୈତ୍ୟଙ୍କୁ ବିଭିନ୍ନ ସମସ୍ୟା ନେଇ ପ୍ରଜାଙ୍କ ଅଭିଯୋଗ

**ଭବାନୀପାଟଣା, ୧୫ ।୧୧(ସମିସ)**



କଳାହାଣ୍ଡି ଜିଲ୍ଲା ନର୍ଲା ବ୍ଲକ ବୁଢୀପଦରରେ ଦେବଗିରି ସାଂସ୍କୃତିକ ଅନୁଷ୍ଠାନର ବାର୍ଷିକ ଉତ୍ସବ ତଥା ୩୨ତମ ରାଜ୍ୟସ୍ତରୀୟ କୁମାରସ୍ୱାମୀ ମହୋତ୍ସବର ଦ୍ୱିତୀୟ ଦିବସରେ ଗୋସିଙ୍ଗ ଦୈତ୍ୟ ଦରବାର ଏକ ବର୍ଣ୍ଣାଢ଼୍ୟ ପରିବେଶ ମଧ୍ୟରେ ଅନୁଷ୍ଠିତ ହୋଇଛି । ସମ୍ରାଟ ଗୋସିଙ୍ଗ ଦୈତ୍ୟଙ୍କ ସୁଶାସନ ଅବସରରେ ତାଙ୍କ ଦରବାରରେ ବିଭିନ୍ନ ସମସ୍ୟା ନେଇ ପ୍ରଜାମାନେ ଅଭିଯୋଗ କରିଥିଲେ । ସମ୍ରାଟ ଗୋସିଙ୍ଗ ଦୈତ୍ୟ ଏସବୁର ସମାଧାନ ପାଇଁ ଅମାତ୍ୟମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଏହି ଅବସରରେ ବରିଷ୍ଠ ସାମ୍ବାଦିକ କମ୍ବୁପାଣି ମିଶ୍ରଙ୍କୁ ଦେବଗିରି ନାରଦ ସମ୍ମାନ, ବିଶିଷ୍ଟ ଶିକ୍ଷାବିତ ସାଧୁରାମ ଭୋଇଙ୍କୁ ଦେବଗିରି ଗୁରୁ ସମ୍ମାନ, ଆଶୁ କବି ମଧୁସୂଦନ ରାଉତଙ୍କୁ ଦେବଗିରି କଳା ସମ୍ମାନ, ଯୁବ ସାମ୍ବାଦିକ ଗୋପାଳ ଦାସ ମହାନନ୍ଦ ଏବଂ ବିରଞ୍ଚି କରୁଆଁଙ୍କୁ ଦେବଗିରି ବାର୍ତ୍ତା ସମ୍ମାନରେ ସମ୍ମାନିତ କରାଯାଇଥିଲା । ଏହା ସହ ସାମ୍ବାଦିକ ନିଲେଶ ନାଗ, କ୍ଷମାନିଧି ମହାଖୁଡ, ହେମନ୍ତ ସାହୁ, ରମେଶ ଚନ୍ଦ୍ର ନାୟକ ଓ ଲାଞ୍ଜିଗଡ଼ ପ୍ରେସ କ୍ଲବ ସାଧାରଣ ସମ୍ପାଦକ ଏମ ଚନ୍ଦ୍ର ଶେଖର ପ୍ରମୁଖଙ୍କୁ ସମ୍ରାଟ ଗୋସିଙ୍ଗ ଦୈତ୍ୟ ନିଜ ରାଜ ଦରବାରରେ ସ୍ୱତନ୍ତ୍ର ଭାବେ ସମ୍ବର୍ଦ୍ଧିତ କରିଥିଲେ । ପରେପରେ ଚିଆଁପଦରର ଖଞ୍ଜଣୀ ଭଜନ, ଫତକାବାହାଲିର ଡମ୍ ବଜା, ସୋନପୁରର ମାଁ ବୃନ୍ଦାବତୀ ମହିଳା ଦଣ୍ଡନୃତ୍ୟ ଓ ଅନେକ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା । ଅନୁଷ୍ଠାନ ସଭାପତି ସଞ୍ଜୟ ଧଙ୍ଗଡାମାଝୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ରାଜ ଅତିଥି ଭାବେ କଳାହାଣ୍ଡି ଜିଲ୍ଲା ପରିଷଦ ଅଧ୍ୟକ୍ଷ ପୁଷ୍ପେନ୍ଦ୍ର ସିଂଦେଓ, ବରିଷ୍ଠ ଅଧିବକ୍ତା ବିଶ୍ୱରଞ୍ଜନ ଭୋଇ, ଯୁବ ଲେଖକ ସୁଶୀଲ ବାଗ, ମାଣ୍ଡେଲ ସରପଞ୍ଚ ପଦ୍ମଲୋଚନ ଜାଲ, ଅନୁଷ୍ଠାନର ସାଧାରଣ ସଂପାଦକ ସୁନୀଲ ଧଙ୍ଗଡ଼ାମାଝୀ, ଯୁଗ୍ମ ସଂପାଦକ ସୁଧୀର ଧଙ୍ଗଡାମାଝୀ, କୋଷାଧକ୍ଷ ଜୟଦ୍ରଥ ଜାଲ ମଞ୍ଚାସୀନ ଥିଲେ । ଉଦଘୋଷକ ଗୋପାଳ ଦାସ ମହାନନ୍ଦ ମଞ୍ଚ ପରିଚାଳନା କରିଥିଲେ । ପ୍ରଥମେ ପାରମ୍ପରିକ ଗଣାବଜାର ତାଳେ ତାଳେ ଶିକ୍ଷୟିତ୍ରୀ ଜ୍ୟୋସ୍ନାରାଣୀ ଧଙ୍ଗଡାମାଝୀ ମଞ୍ଚ ଉଦ୍‌ଘାଟନ କରିଥିଲେ ।

# ବିଭିନ୍ନ ଅନୁଷ୍ଠାନରେ ଶିଶୁ ଦିବସ

ଭବାନୀପାଟଣା, ୧୫ ।୧୧ (ସମିସ): ଭବାନୀପାଟଣା ବ୍ଲକ ବାଦିଲିଠାରେ ଥିବା କିସ୍ ଆବାସିକ ବିଦ୍ୟାଳୟରେ ଶିଶୁ ଦିବସ ପାଳିତ ହେଇଯାଇଛି । ଅତିଥି ଭାବେ ଅବସରପ୍ରାପ୍ତ ଶିକ୍ଷାବିତ ନାରାୟଣ ସାହୁ, ଶିକ୍ଷାବିତ୍ ରବୀନ୍ଦ୍ର ପଟ୍ଟନାୟକ, ସରୋଜ ପଣ୍ଡା, ସୁଧାଂଶୁ ପଣ୍ଡା, କିସ୍ ଅନୁଷ୍ଠାନର ଉପ-କାର୍ଯ୍ୟ ନିର୍ବାହୀ ଅଧିକାରୀ ଦୁଷ୍ମନ୍ତ ପଧାନ, ଉପ-ପ୍ରଶାସନିକ ଅଧିକାରୀ ସୁଶାନ୍ତ ବିଶ୍ୱାଳ ଓ ପ୍ରଧାନ ଶିକ୍ଷୟତ୍ରୀ ସୁନିତା ପଣ୍ଡା ଉପସ୍ଥିତ ଥିଲେ । ଶ୍ରେଷ୍ଠ ଶିକ୍ଷୟିତ୍ରୀ ଭାବରେ ସୁଶ୍ରୀ ଜ୍ୟୋତିର୍ମୟୀ ରଣା ଓ ଶ୍ରେଷ୍ଠ ଅଣ ଶିକ୍ଷକ ଭାବରେ ମହେନ୍ଦ୍ର ଧାରୁଆଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ରଜନୀଗନ୍ଧା ରାଉତ ପରିଚାଳନା କରିଥିଲେ । ଭବାନୀପାଟଣା ବ୍ଲକ୍ ତେନ୍ତୁଳୀଖୁଣ୍ଟି କ୍ଲଷ୍ଟର ଅଧୀନ ଭେଜିପଦର ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଶିଶୁ ଦିବସ ପାଳିତ ହୋଇଛି । ଶିକ୍ଷକ ପ୍ରଶାନ୍ତ ଖମାରୀଙ୍କ ସଂଯୋଜନାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ଜୟକୁମାର ମାଝୀ, ସମ୍ମାନିତ ଅତିଥି ଭାବରେ ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ହୃଷିକେଶ ନାଏକ, ଏସ୍‌ବିଆଇ କଲେଜ ଛକ ଶାଖାର ଶାଖା ପରିଚାଳକ ସୁମିତ ନାଗ, ସ୍ଥାନୀୟ ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ସୂର୍ଯ୍ୟ ନାରାୟଣ ମହାନ୍ତି ଯୋଗ ଦେଇଥିଲେ । ସାନ ଛତିକୁଡା ପ୍ରାଥମିକ ବିଦ୍ୟାଳୟର ଶିକ୍ଷକ ପ୍ରଭାକର ଆଚାର୍ଯ୍ୟ, ଶିକ୍ଷୟିତ୍ରୀ ସ୍ୱାଗତିକା ନେଗୀ, ସୁଚିତ୍ରା ମହାପାତ୍ର, ଶିକ୍ଷକ ପଦ୍ମନାଭ ମହାନନ୍ଦ ଓ ଚିନ୍ମୟ ମହାନ୍ତି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ । ବ୍ରଜବିହାର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ମଧ ଶିଶୁଦିବସ ପାଳିତ ହେଇଯାଇଛି । ଅନୁଷ୍ଠାନର ପ୍ରଧାନ ଆଚାର୍ଯ୍ୟ ମନୋଜ ମୁଣ୍ଡଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା । ଆଚାର୍ଯ୍ୟ ଗୋଦାବରୀଶ ମିଶ୍ର ଅଭିଭାଷଣ ଦେଇଥିଲେ । ଜୟରାମ ସାହୁ ଧନ୍ୟବାଦ ଦେଇଥିଲେ ।

## ସାଲେପାଲି ଲୁଟ୍ ଘଟଣାରେ ୮ ଗିରଫ



**ପାଟଣାଗଡ଼, ୧୫ ।୧୧(ସମିସ):** ପାଟଣାଗଡ଼ ଥାନା ସାଲେପାଲି ଠାରେ ହୋଇଥିବା ଲୁଟ୍ ମାମଲାରେ ପାଟଣାଗଡ଼ ପୁଲିସ ୨୪ ଘଣ୍ଟା ଭିତରେ ୮ଜଣ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି । ସେମାନଙ୍କ ଠାରୁ ଗୋଟିଏ ସ୍କୁଟି, ନଗଦ ୧୨୦୦ ଟଙ୍କା, ଦୁଇଟି ମୋବାଇଲ ଓ ଗୋଟିଏ ଭୁଜାଲି ଓ ଛୁରି ଜବତ କରାଯାଇଥିବା ପାଟଣାଗଡ଼ ଏସ୍‌ଡିପିଓ ସଦାନନ୍ଦ ପୂଝାରୀ ସୂଚନା ଦେଇଛନ୍ତି । ଅଭିଯୁକ୍ତ ମାନେପାଟଣାଗଡ଼ ଥାନା ବଡପଡ଼ା ର ସୁନୀଲ ମେହେର (୨୦), ଲରମ୍ଭା ଥାନା ଘସିଏନ ଗାଁର ସରୋଜ ନାଗ (୧୯), ସାହିଲ କୁମ୍ଭାର (୧୯), ଚିଣ୍ଟୁ କୁମ୍ଭାର (୧୯), ରୋହିତ କୁମ୍ଭାର (୨୩), ପାଟଣାଗଡ଼ ବଡପଡ଼ାର ରୋହିତ ବାଗ (୨୩), ଓ ଲରମ୍ଭା ଥାନା ଗଣ୍ଡାମେଲ ଗାଁର ସୁନୀଲ ସୁନା (୨୧)ଙ୍କ ସହ ପାଟଣାଗଡ଼ ରାମପାଲିର ଜଣେ ନାବାଳକ ରହିଛନ୍ତି ।ପୁଲିସର ସୂଚନାନୁସାରେ ଗୁରୁବାର ଦିନ କର୍ଲାମାଳ ଗାଁର ପୂର୍ଣ୍ଣଚନ୍ଦ୍ର କୁମ୍ଭାର ନିଜ ଗାଁକୁ ଯାଉଥିବା ବେଳେ ସାଲେପାଲି ଗାଁ ନିକଟରେ କିଛି ଦୁର୍ବୃତ୍ତ ଭୁଜାଲି ଦେଖାଇ ତାଙ୍କ ଠାରୁ ଗୋଟିଏ ମୋବାଇଲ ଓ ନଗଦ ୫୧୫୦ ଟଙ୍କା ଲୁଟ୍ କରିଥିଲେ । ଏ ନେଇ ଶ୍ରୀ କୁମ୍ଭାର ପାଟଣାଗଡ଼ ଥାନାରେ ଲିଖିତ ଅଭିଯୋଗ କରିଥିଲେ ।ପାଟଣାଗଡ଼ ପୁଲିସ ଘଟଣାରେ ତଦନ୍ତ ଜାରିରଖିଥିଲା । ବଲାଙ୍ଗିର ଏସ୍‌ପିଙ୍କ ନିର୍ଦ୍ଦେଶକ୍ରମେ ଶୁକ୍ରବାର ପାଟଣାଗଡ଼ ଏସ୍‌ଡ଼ିପିଓ ସଦାନନ୍ଦ ପୁଝାରୀ ଓ ଥାନାଧିକାରୀ ହରିବନ୍ଧୁ ଗଡ଼ତ୍ୟାଙ୍କ ନେତୃତ୍ୱରେ ଚଢ଼ଉ କରାଯାଇ ଘଟଣାରେ ସମ୍ପୃକ୍ତ ଥିବା ୮ଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି । ଅଭିଯୁକ୍ତମାନଙ୍କ ଠାରୁ ଗୋଟିଏ ସ୍କୁଟି ନଂ ଓଡି ୧୭- ଇ ୨୧୪୦), ଦୁଇଟି ମୋବାଇଲ, ନଗଦ ୧୨୦୦ ଟଙ୍କା, ଗୋଟିଏ ଭୁଜାଲି ଓ ଗୋଟିଏ ଛୁରି ଜବତ କରାଯାଇଛି । କୋର୍ଟରେ ଅଭିଯୁକ୍ତଙ୍କ ଜାମିନ ନାମଞ୍ଜୁର ହେବାରୁ ଅଭିଯୁକ୍ତଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି ।

ଉଦେର ନଦୀରୁ ବେଆଇନ ବାଲି ଚାଲାଣକୁ ବିରୋଧ

# ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର ଦେଲେ ଉଦେର ନଦୀ କ୍ରିୟାନୁଷ୍ଠାନ କମିଟି

**କଣ୍ଟାବାଞ୍ଜି, ୧୫ ।୧୧(ସମିସ)**

ବଲାଙ୍ଗିର ଜିଲ୍ଲା ସୀମାନ୍ତ ସିନ୍ଧେକେଲା ଅଞ୍ଚଳର ଚାଷୀଙ୍କ ଜୀବନ ରେଖା କୁହାଯାଉଥିବା ଉଦେର ନଦୀରୁ ବେଆଇନ ବାଲି ଚାଲାଣ ବଢ଼ି ଚାଲିଛି । ମାଫିଆମାନେ ସକ୍ରୀୟ ହୋଇ ନଦୀରୁ ବେଆଇନ ଭାବେ ବାଲି ଚୋରାଚାଲାଣ କରୁଛନ୍ତି । ଜିଲ୍ଲା ପ୍ରଶାସନ ମାଇନିଙ୍ଗ ଓ ରାଜସ୍ୱ ବିଭାଗ କାହିଁକି ପାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନି ସାଧାରଣରେ ପ୍ରଶ୍ନ ଉଠୁଛି । ସେପଟେ ନଦୀରୁ ବେଆଇନ ବାଲି ଚାଲାଣ ଯୋଗୁଁ ଅଞ୍ଚଳ ଚାଷୀ ଦୁର୍ଦ୍ଦଶା ଭୋଗୁଥିବା ଅଭିଯୋଗ ଆଣି ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟ ଉଦେର ନଦୀ ଚାଷୀ କ୍ରିୟାନୁଷ୍ଠାନ କମିଟୀ ଚାନ୍ଦୋତରା ଦାବିପତ୍ର ପ୍ରଦାନ କରିଛି । ଦାବିପତ୍ର ଉଲ୍ଲେଖ ଯେ ସିନ୍ଦେଧକେଲା ଅଞ୍ଚଳରେ ପ୍ରବାହିତ ହେଉଛି ଉଦେର ନଦୀର ଉଭୟ ପାର୍ଶ୍ୱରେ ଥିବା ପ୍ରାୟ ୧୦ଟି ପଞ୍ଚାୟତର ଅଧିବାସୀ ନଦୀର ବାଲି, ମାଟି ଓ ଜଳ ଉପରେ ନିର୍ଭର କରି ଚଳିଆନ୍ତି । ସିନ୍ଦେଧକେଲା ଉଦେର ନଦୀର ବ୍ରିଜ ପାଖରେ ଥିବା ବାଲିଘାଟର ବାଲି ଉଠାଇବା ପାଇଁ ୨୦୧୮ ମସିହାରେ ଟେଣ୍ଡର ହୋଇଥିଲା । ଟେଣ୍ଡରର ଅବଧି ୨୦୨୨ରେ ସରି ଯାଇଛି । କିନ୍ତୁ ପ୍ରତିଦିନ ମାଫିଆମାନେ ୪୦ଟି ହାଇୱା ଗାଡ଼ି ଯୋଗେ ସମ୍ପୃକ୍ତ ଘାଟରୁ ଲକ୍ଷ ଲକ୍ଷ ଟନ୍ ବାଲି ଚୋରା ଚାଲାଣ କରି ମାଲେମାଲ ହେବାରେ



ଲାଗିଛନ୍ତି । ଯେତେ ଟନ୍(ଉଗ) ବାଲି ଉଠାଇବାକୁ ଟେଣ୍ଡର ହୋଇଥିଲା ତାଠାରୁ ଶହେ ଗୁଣା ଅଧିକ ବାଲି ଉଠାଇ ଚାଲାଣ ହୋଇ ସାରିଲାଣି । ଅନଧିକାର ଭାବରେ ବଙ୍ଗୋମୁଣ୍ଡା ସହରର ଜଣେ ବାଲି ମାଫିଆ ତାଙ୍କ କିଛି ସହଯୋଗୀ ବାଲି ଚୋରା ଚାଲାଣ କରୁଛନ୍ତି । ଫଳରେ ନଦୀରୁ ବାଲି ଶୂନ୍ୟ ହେବାରେ ଲାଗିଛି । ନଦୀରୁ ଅତ୍ୟଧିକ ବାଲି ଉଠାଇବା ଫଳରେ ନଦୀର ଦୁଇ ପାର୍ଶ୍ୱର ମାଟି ଧୋଇ ହୋଇ ନଦୀର ଦିଗ ପରିବର୍ତ୍ତନ ମଧ୍ୟ ହେବାରେ ଲାଗିଛି । ଏ ବାବଦରେ ସମ୍ପୃକ୍ତ କର୍ତ୍ତୃପକ୍ଷଙ୍କୁ ଯେତେ ଜଣାଇଲେ ମଧ୍ୟ କିଛି ଶୁଣୁ ନାହାନ୍ତି । ଶହ ଶହ ସଂଖ୍ୟାରେ ଓଭର ଲୋଡ଼

### ବାଲି ଚାଲାଣ ବନ୍ଦ ନ ହେଲେ ମଙ୍ଗଳବାର ଆନ୍ଦୋଳନ

ହାଇୱା ଚାଲୁଥିବାରୁ ସିନ୍ଦେଧକେଲା ଓ ଚାନ୍ଦୋତରା ଗ୍ରାମର ରାସ୍ତା ଅବସ୍ଥା ଶୋଚନୀୟ ହୋଇପଡ଼ିଛି । ସ୍କୁଲ, କଲେଜ ତଥା ଜନସାଧାରଣ ରାସ୍ତାରେ ଯିବା ଆସିବା କଷ୍ଟସାଧ ହୋଇ ପଡୁଛି । ଅଭିଯୋଗ କଲେ ବାଲି ମାଫିଆ ମାନେ ଗୁଣ୍ଡାଗିରି କରି ବାହୁବଳ ପ୍ରୟୋଗ କରି ଭୟଭିତ କରୁଛନ୍ତି ତଥା ମାରି ଦେବାକୁ ଧମକ ଦେଉଛନ୍ତି । କେଉଁ ପରିସ୍ଥିତିରେ କେତେ ବାଲି ଉଠାଇବା ପାଇଁ ଟେଣ୍ଡର ଦିଆଯାଇ ଥିଲା ତାହା ସେଟେଲାଇଟ ଜରିଆରେ ତଦନ୍ତ ପୂର୍ବକ ବିହୀତ କାର୍ଯ୍ୟାନୁଷ୍ଠାନ ସହ ବାଲି ଚାଲଣ ବନ୍ଦ କରାଯାଉ ବୋଲି ଉଦେର ନଦୀ ଚାଷୀ କ୍ରିୟାନୁଷ୍ଠାନ କମିଟୀ ଚାନ୍ଦୋତରା ଦାବି କରିଛି । ଆସନ୍ତା ସୋମବାର ମଧ୍ୟରେ ବେଆଇନ ବାଲି ଚାଲଣ ବନ୍ଦ କରି ମାଫିଆଙ୍କ ବିରୋଧ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାନଗଲେ ମଙ୍ଗଳବାର ଦିନ ଉଦେର ନଦୀ ଉପରେ ଥିବା ସିନ୍ଦେଧକେଲା ଚାନ୍ଦୋତରା ବ୍ରିଜ ଠାରେ କ୍ରିୟାନୁଷ୍ଠାନ କମିଟୀ ଆନ୍ଦୋଳନ କରିବ ବୋଲି କମିଟି ସମ୍ପାଦକ ରୁପେଶ ବେହେରା ସୂଚନା ଦେଇଛନ୍ତି । ଅନ୍ୟପକ୍ଷ ରେ ଉଦେର ନଦୀରୁ ମାଫିଆମାନେ ହାଇୱାରେ ପ୍ରତ୍ୟେକ ଦିନ ହଜାର ହଜାର ଟନ୍ ବାଲି କଣ୍ଟାବାଞ୍ଜି ସହର ଦେଇ ବିଭିନ୍ନ ଅଞ୍ଚଳକୁ ଚାଲାଣ କରୁଛନ୍ତି । କିନ୍ତୁ କଣ୍ଟାବାଞ୍ଜି ବଙ୍ଗୋମୁଣ୍ଡା ତହସିଲ କର୍ତ୍ତୃପକ୍ଷ ଓ ପୁଲିସ ପ୍ରଶାସନ ସବୁ ଜାଣି କାର୍ଯ୍ୟାନୁଷ୍ଠାନ ନେଉନଥିବା ଅଭିଯୋଗ ହେଉଛି । ବାଲି ମାଫିଆମାନଙ୍କ ବିରୋଧ ମୁଖ୍ୟମନ୍ତ୍ରୀ କଡା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି ।

■ ସଂରକ୍ଷିତ ଜଙ୍ଗଲରୁ ଖଇର କାଠ ଚାଲାଣ ଘଟଣା

## ରୋକ୍ ଲଗାଇ ପାରୁନାହିଁ ବିଭାଗ



**ପାଟଣାଗଡ଼, ୧୫ ।୧୧(ସମିସ):** ବଲାଙ୍ଗିର ଜିଲ୍ଲା ପାଟଣାଗଡ଼ ରେଞ୍ଜ ଲରମ୍ଭା ସେକ୍ସନ ଅଞ୍ଚଳର ସଂରକ୍ଷିତ ଜଙ୍ଗଲର ଠେଲକୋଛାପର, ବଡଝୁଲା, ଭରତବହାଲ ଅଞ୍ଚଳରୁ କାଠ ମାଫିଆ ପ୍ରତିଦିନ ଖଇର କାଠ ଚୋରା ଚାଲାଣ କରୁଛନ୍ତି । ଏ ନେଇ 'ସକାଳ'ରେ ଚୋରାଚାଲାଣ ସମ୍ପର୍କିତ ଖବର ବାରମ୍ବାର ପ୍ରକାଶ ପାଇ ଆସୁଛି ।ଫଳରେ ଧୀରେ ଧୀରେ କାଠ ଚୋରାଚାଲାଣର ଗୁମର ଖୋଲିବାରେ ଲାଗିଛି । ଖଇର କାଠ ଚାଲାଣ ପାଇଁ କାଠ ମାଫିଆ ଗୋଟିଏ ଗାଡି ପିଛା ୬୦ ହଜାର ବଟି ଦେଉଥିବା ଅଭିଯୋଗ ଉଠିଛି । ଜଣେ କାଠ ମାଫିଆ ନିଜ ନାମ ଗୋପନ ରଖିବା ସର୍ତ୍ତରେ ସୂଚନା ଦେଇଛନ୍ତି ।ଏହି ଘଟଣାର ସତ୍ୟତା ଉପରେ ତଦନ୍ତ ପାଇଁ ଦାବି ଉଠିଛି । ଅପରପକ୍ଷରେ ଲରମ୍ଭା ସେକ୍ସନ ଫରେଷ୍ଟର ବିରଞ୍ଚି କୁମ୍ଭାର କୁତମୁଣ୍ଡା ଅଞ୍ଚଳର ସ୍ଥାୟୀ ବାସିନ୍ଦା । ତେବେ ସ୍ଥାନୀୟ ଅଞ୍ଚଳର ବ୍ୟକ୍ତିଙ୍କୁ ବନ ବିଭାଗ ସେହି ଅଞ୍ଚଳରେ କିଭଳି ନିଯୁକ୍ତି ଦେଲେ ତଦନ୍ତ ପାଇଁ ଦାବି ହେଉଛି । ସରକାରଙ୍କ ଗାଇଡ଼ଲାଇନ ଅନୁସାରେ ସ୍ଥାନୀୟ ଅଞ୍ଚଳର ବ୍ୟକ୍ତିଙ୍କୁ ସେହି ଅଞ୍ଚଳରେ ନିଯୁକ୍ତି ଦେବାର ନିୟମ ନାହିଁ । ସେହି ଅଞ୍ଚଳରେ ନିଯୁକ୍ତି ଦେଲେ ବିଭାଗର ସ୍ୱଚ୍ଛତା ରହିବ ନାହିଁ । ଅନ୍ୟପଟେ କାଠ ମାଫିଆ ଖୁଲମଖୁଲା ଖଇର କାଠ ଚୋରାଚାଲାଣ କରୁଥିଲେ ମଧ୍ୟ ବନ ବିଭାଗ କାହିଁକି ସେମାନଙ୍କ ଉପରେ ରୋକ ଲଗାଇ ପାରୁନାହିଁ ବିଭାଗର ପାରିବା ପଣିଆ ଉପରେ ଲୋକେ ପ୍ରଶ୍ନ କରୁଛନ୍ତି । ଉପରୋକ୍ତ ଘଟଣାର ନିରପେକ୍ଷ ତଦନ୍ତ ପାଇଁ ଅଞ୍ଚଳବାସୀଙ୍କ ମଧ୍ୟରେ ଦାବି ଜୋର ଧରିଛି ।

# ଝୁଲୁଛି ଲୋକ ମହୋତ୍ସବ

**ବଲାଙ୍ଗିର, ୧୫।୧୧(ସମିସ):** ଲୋକକଳାକୁ ପରିଚୟ ଦେବାପାଇଁ ମଞ୍ଚ ଯୋଗାଇ ଦେଉଥିବା କାର୍ଯ୍ୟକ୍ରମ ଲୋକମହୋତ୍ସବ । ଏହି କାର୍ଯ୍ୟକ୍ରମ କେତେ ଯେ କଳାକାରଙ୍କୁ ଗଢ଼ି ତୋଳିଛି । କିନ୍ତୁ ଏବେ ଝୁଲୁଛି ଲୋକ ମହୋତ୍ସବର ଭାଗ୍ୟ । ପ୍ରଶାସନିକ ଉଦାସୀନତା ଏବଂ ପରିଚାଳନା କମିଟି ମଧ୍ୟରେ ବିବାଦ । ଗତବର୍ଷ ଭଳି ଏବର୍ଷ ମଧ୍ୟ ଲୋକ ମହୋତ୍ସବ ବାଦ ପଡ଼ିବ କି? କାର୍ଯ୍ୟକ୍ରମର ଆୟୋଜନକୁ ନେଇ ଲାଗି ରହିଛି ଆଶା ଆଶଙ୍କା । ଲୋକମହୋତ୍ସବକୁ ନେଇ କଣ ରହିଛି ଲୋକଙ୍କ ପ୍ରତିକ୍ରିୟା, ତାହା ଜାଣିବାକୁ 'ସକାଳ' ତରଫରୁ ପ୍ରୟାସ କରାଯାଇଛି ।

### ମହୋତ୍ସବ ଆୟୋଜନ ପାଇଁ ସରକାରଙ୍କୁ ଚିଠି ଲେଖିଲେ କଳିକେଶ

**ବଲାଙ୍ଗିର, ୧୫।୧୧(ସମିସ):** ପାଣ୍ଠି ବିବାଦ ମଧ୍ୟରେ ଲୋକ ମହୋତ୍ସବ ଦିନକୁ ଦିନ ଅସ୍ପଷ୍ଟତା ଆଡକୁ ଗତି କରୁଥିବା ବେଳେ ଏଥିରେ ହସ୍ତକ୍ଷେପ କରିଛନ୍ତି ବଲାଙ୍ଗିର ବିଧାୟକ କଳିକେଶ ନାରାୟଣ ସିଂ ଦେଓ । ଗତ ଗୁରୁବାର ଦିନ ସେ ଜିଲ୍ଲାପାଳଙ୍କୁ ଭେଟି ଏସମ୍ପର୍କରେ ଆଲେଚନା କରିଥିବା ବେଳେ ଗତ ତାରିଖ ଦିନ ମୁଖ୍ୟମନ୍ତ୍ରୀ ମୋହନ ମାଝୀଙ୍କୁ ଚିଠି ଲେଖି ଜଣାଇଥିବା ସୂଚନା ମିଳିଛି । ବିଧାୟକ କଳିକେଶ ନାରାୟଣ ସିଂ ଦେଓ ଚିଠିରେ ଉଲ୍ଲେଖ କରିଛନ୍ତି ଯେ ଲୋକ ଉତ୍ସବ କାର୍ଯ୍ୟକ୍ରମ ହେଉଛି ତୃଣମୂଳସ୍ତରର ପ୍ରତିଭାକୁ ଚିହ୍ନଟ କରି ସେମାନଙ୍କୁ ପରିଚୟ ଏବଂ ସମ୍ମାନ ପ୍ରଦାନ କରୁଥିବାର ଏକ ପର୍ବ । ଆସନ୍ତା ବର୍ଷ ଜାନୁଆରୀ ମାସ ସମୟରେ ୨୨ ତମ ଲୋକଉତ୍ସବ ଆୟୋଜନ ହେବ । ଏଥିପାଇଁ ସରକାରଙ୍କ ତରଫରୁ ଆର୍ଥିକ ସହାୟତା ବାବଦକୁ ୫୦ ଲକ୍ଷ ଟଙ୍କା ପ୍ରଦାନ କରିବାକୁ ସେ ଦାବି କରିଛନ୍ତି । ଏହା ପୂର୍ବରୁ ଗତ ୧୨ ତାରିଖ ଦିନ ଜିଲ୍ଲାପାଳ ମଧ୍ୟ ସରକାରଙ୍କୁ ଚିଠି ଲେଖିଛନ୍ତି ।

### ସେମାନଙ୍କ ମୁହଁରୁ ...



ବଲାଙ୍ଗିର ଲୋକମହୋତ୍ସବର ଆୟୋଜନକୁ ନେଇ ମନାନ୍ତର ଓ ମତାନ୍ତର ଭୁଲି ଜିଲ୍ଲା ପ୍ରଶାସନ, ରାଜନୈତିକ ବ୍ୟକ୍ତିବିଶେଷ, ବୁଦ୍ଧିଜୀବୀ, କଳାକାର ତଥା ଜନସାଧାରଣ ସମସ୍ତେ ଏକତ୍ରିତ ହେବାର ସମୟ ଆସିଛି । ଏହାଦ୍ୱାରା ସ୍ଥାନୀୟ ଲୋକକଳା, ଲୋକନୃତ୍ୟ, ଲୋକସଂସ୍କୃତି ଓ ଲୋକପରମ୍ପରାର ମହାମିଳନ ହେବା ସହ ବଲାଙ୍ଗିରର ଛବି ଜାତୀୟ ମାନଚିତ୍ରରେ ଆହୁରି ପ୍ରଭାବଶାଳୀ ହେବ । ମାନ୍ୟବର ବଲାଙ୍ଗିର ବିଧାୟକଙ୍କ ପ୍ରତ୍ୟକ୍ଷ ସକ୍ରିୟ ସମର୍ଥନ ନିଶ୍ଚିତ ଭାବେ ସରକାରୀ କଳର ନିଦ ଭାଙ୍ଗିବା ସହ ଲୋକ ମହୋତ୍ସବ ଆୟୋଜନ ନିମନ୍ତେ ରାସ୍ତା ପ୍ରଶସ୍ତ କରିବ ।

**ଜ୍ୟୋତ୍ସ୍ନାମୟୀ ନାଗ, ବଲାଙ୍ଗିର**



ଦେଶ ତଥା ରାଜ୍ୟର କୋଣ ଅନୁକୋଣରେ ଲୋକମହୋତ୍ସବମାନ ଏକ ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ଅନୁଷ୍ଠିତ ହେଉଥିବାବେଳେ ବଲାଙ୍ଗିର ଲୋକମହୋତ୍ସବକୁ ନେଇ ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହେବାକଥା ନୁହେଁ ।ଦାଦନ ସମସ୍ୟା, ମରୁଡ଼ି, ଅନାବୃଷ୍ଟି, ଜଳସେଚନର ଅଭାବ ସଙ୍ଗେ ସଙ୍ଗେ ସ୍ୱାସ୍ଥ୍ୟ, ଶିକ୍ଷା, ଗମନାଗମନ କ୍ଷେତ୍ରରେ ଆକାଂକ୍ଷୀ ଜିଲ୍ଲାରୁ ଆମେ ବିକାଶ ଦିଗରେ ଅଗ୍ରସର ହେଉଥିବାବେଳେ କଳା, ସଂସ୍କୃତି, ପରମ୍ପରା, ଐତିହ୍ୟର ବୈଶିଷ୍ଟ୍ୟକୁ ବିସ୍ତୃତ ପରିସୀମା ଦେବାପାଇଁ ନିଶ୍ଚିତ ଭାବରେ ଲୋକମହୋତ୍ସବକୁ ଆୟୋଜନ ପାଇଁ ସମ୍ମିଳିତ ଉଦ୍ୟମ କରିବା ଆବଶ୍ୟକ । ବର୍ତ୍ତମାନ ପରିପ୍ରେକ୍ଷୀରେ ଆମ ଅଞ୍ଚଳର କଳା ଓ କଳାକାର ଆନ୍ତର୍ଜାତିକ ମାନ୍ୟତା ପାଇବାରେ ସଫଳ ହେଉଥିବାରୁ ଲୋକମହୋତ୍ସବର ମଞ୍ଚ ନୂତନ ପ୍ରତିଭା ଓ ଯୁବପିଢ଼ୀ ପାଇଁ ପ୍ରବଳ ଉତ୍ସାହର ମାଧ୍ୟମ ହେବ ।ଏଥିପାଇଁ ଦଳମତ ନିର୍ବିଶେଷରେ ସମସ୍ତେ ଏକତ୍ରିତ ହୋଇ ପ୍ରଶାସନର ସହାୟତାରେ ଏକ ସଫଳ ବଲାଙ୍ଗିର ଲୋକମହୋତ୍ସବ ଆୟୋଜନ କରି ଇତିହାସ ସୃଷ୍ଟି କରିବା ଦରକାର ।

**ହିମାଲିସା ଭୋଇ, ବଲାଙ୍ଗିର**



ବଲାଙ୍ଗିର ଲୋକମହୋତ୍ସବରେ ଜାତୀୟସ୍ତରର ବ୍ୟବସାୟିକ ପ୍ରଦର୍ଶନୀ ନିମନ୍ତେ ଏକ ବିଶିଷ୍ଟ ପ୍ଲାଟଫର୍ମ ହେବାର ସମସ୍ତ ଭିତ୍ତିଭୂମି ରହିଛି । ଏଣୁ ଅର୍ଥନୈତିକ ଅଭିବୃଦ୍ଧିକୁ ଆଖି ଆଗରେ ରଖି ସ୍ଥାନୀୟ ଉତ୍ପାଦିତ ପଣ୍ୟ ଦ୍ରବ୍ୟକୁ ସାରା ବିଶ୍ୱରେ ପରିଚିତ କରିବା ସହ ସ୍ୱୟଂ ସହାୟିକା ଗୋଷ୍ଠୀମାନଙ୍କ ଉଚ୍ଚ ଗୁଣବତାତ୍ତ ସାମଗ୍ରୀ ସହଜରେ ବିକ୍ରି ହୋଇପାରନ୍ତା । ଏଭଳି ସ୍ଥିତିରେ ଯଥାଶିଘ୍ର ଲୋକମହୋତ୍ସବ ଆୟୋଜନ ନିମନ୍ତେ ଜିଲ୍ଲା ପ୍ରଶାସନ ଓ ସ୍ଥାନୀୟ ଉଦ୍ୟୋକ୍ତା ବନ୍ଧୁମାନେ ଆଗେଇ ଆସିବା ନିହାତି ଆବଶ୍ୟକ । ବିଶେଷ କରି ମାଁ ଭଉଣୀ ମାନଙ୍କୁ ଅବସର ବିନୋଦନର ସୁଯୋଗ ସୃଷ୍ଟି କରିବା ସହ ବିଭିନ୍ନ ସରକାରୀ ଯୋଜନାର ପ୍ରଚାର ପ୍ରସାର ସେମାନଙ୍କୁ ସ୍ୱାବଲମ୍ବୀ କରି ଗଢି ତୋଳିବାରେ ଲୋକମହୋତ୍ସବ ସହାୟକ ହେବ ।

**ସଂସ୍କାର ସ୍ୱରୂପ ମିଶ୍ର, ବଲାଙ୍ଗିର**

## ବିର୍ସା ମୁଣ୍ଡାଙ୍କ ଜୟନ୍ତୀ ଓ ସ୍ୱତନ୍ତ୍ର ପଲ୍ଲୀସଭା

**ଦେଓଗାଁ, ୧୫।୧୧(ସମିସ) :** ବଲାଙ୍ଗିର ଜିଲ୍ଲା ଦେଓଗାଁ ବ୍ଲକର ଆଦିବାସୀ ବହୁଳ ୧୧ଟି ଗାଁ ସମେତ ଜରାସିଂହା ମିନିଷ୍ଟାଡିୟମ ଠାରେ ସହିଦ ବିର୍ସାମୁଣ୍ଡାଙ୍କ ଜୟନ୍ତୀ ପାଳନ ତଥା



ସ୍ୱତନ୍ତ୍ର ପଲ୍ଲୀସଭା ଅନୁଷ୍ଠିତ ହୋଇଯାଇଛି । ରାମଚନ୍ଦ୍ରପୁର ପଞ୍ଚାୟତ ଅଧିନସ୍ଥ ପରୁଆଭାଡି ଗାଁ ମଝି ମଣ୍ଡପରେ ବ୍ଲକ ସମାଜିକ ସୁରକ୍ଷା ଅଧିକାରୀ ସିଦ୍ଧାର୍ଥ ସେଠଙ୍କ ପରିଚାଳନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ସରପଞ୍ଚ ପଦ୍ମିନୀ ମିଶ୍ର, ସମ୍ମାନିତ ଅତିଥିଭାବେ ବ୍ଲକ କଳା ସଂସ୍କୃତି ସଂଘର ଉପସଭାପତି ସୁଦାମ ବିଶି, ଅଗ୍ରଣୀ ଚାଷୀ ଯୁଗେଶ୍ୱର ସାହୁ ପ୍ରମୁଖ ଯୋଗଦେଇ ସହିଦ ବିର୍ସା ମୁଣ୍ଡାଙ୍କ ଫଟୋ ଚିତ୍ରରେ ମାଲ୍ୟାର୍ପଣ ପୂର୍ବକ ଶୁଭାରମ୍ଭ କରିଥିଲେ । ଆଦିବାସୀଙ୍କ ସାମଗ୍ରୀକ ବିକାଶ ତଥା ଗାଁର ବିକାଶ ପାଇଁ ଜିପିଡିପି ମାଧ୍ୟମରେ ଉନ୍ନୟନ କାର୍ଯ୍ୟମାନ ହାତକୁ ନେବାପାଇଁ ପ୍ରସ୍ତାବ ଆଗତ ହୋଇଥିଲା । ମୋ ଜଙ୍ଗଲ ଜମି ଯୋଜନାର ସ୍ୱେଚ୍ଛାସେବୀ ଶୁଶିଳ ନନ୍ଦ ଯୋଗଦେଇ ଜଙ୍ଗଲ ଅଧିକାର ନୀୟମ ଉପରେ ଆଲୋକପାତ କରିବାସହ ଜଙ୍ଗଲ ଜମି ଉପରେ ଗୋଷ୍ଠିଗତ ଓ ବ୍ୟକ୍ତିଗତ ଦାବି ଉପରେ ରହିଥିବା ନୀୟମ ଉପରେ ଅବଗତ କରିଥିଲେ ।ଫାଉଣ୍ଡେସନ ଫର ଇକୋଲୋଜିକାଲ ସିକ୍ୟୁରିଟି(ଏଫଇଏସ)ର ମାଷ୍ଟର ଟ୍ରେନର କୃଷ୍ଣ ପ୍ରସାଦ ପାଣିଗ୍ରାହୀ ଯୋଗଦେଇ ପଞ୍ଚାୟତ ଜିପିଡିପିରେ ପ୍ରାକୃତିକ କୃଷିକୁ ଯୋଡିବା ଉପରେ ଆଲୋକପାତ କରିଥିଲେ । ସଭାରେ ଉପସ୍ଥିତ ଚାଷୀମାନେ ଜମି ଉନ୍ନତିକରଣ, ମୋ ପୋଖରୀ ଖନନ ଉପରେ ପ୍ରସ୍ତାବ ଦେଇଥିଲେ । ସେପରି ଜରାସିଂହା ମିନିଷ୍ଟାଡିୟମ ଠାରେ ପ୍ରଭାତ ମହାନନ୍ଦଙ୍କ ସଭାପତିତ୍ୱ ତଥା ନୀଳକଣ୍ଠ ନାଗଙ୍କ ପରିଚାଳନାରେ ମୁଖ୍ୟ ଅତିଥିଭାବେ ଉପାଧ୍ୟକ୍ଷା ସୂର୍ଯ୍ୟକାନ୍ତୀ ଛତ୍ରିଆ, ସମ୍ମାନିତ ଭାବେ ଉଦ୍ଧବ ବାରିକ, ସୁରଥ ଧରୁଆ, ମହେନ୍ଦ୍ର ମଲ୍ଲିକ, ହେମସାଗର ଭୋଇ, ଦାଶରଥି ଭୋଇ, ଚିତ୍ର ସୁନା, ବିଜୟକାଲସାଏ ଯୋଗଦେଇଥିବା ବେଳେ ବିଜୟ ମାଝୀ ଧନ୍ୟବାଦ ଅର୍ପଣ କରିଥିଲେ ।

ଯୁବକଙ୍କୁ ଆକ୍ରମଣ ଓ ଲୁଟ୍ ମାମଲା

## ଦୁଇ ନାବାଳକ ସହ ୫ ଗିରଫ



**ବଲାଙ୍ଗିର, ୧୫ ।୧୧(ସମିସ):** ବଲାଙ୍ଗିର ଜିଲ୍ଲା ଲୋଇସିଂହା ଥାନା ଅନ୍ତର୍ଗତ ମନହୀରା ଗାଁରେ ଯୁବକଙ୍କୁ ଆକ୍ରମଣ ଓ ଲୁଟ୍ ଘଟଣାରେ ପୁଲିସ ଦୁଇ ନାବାଳକ ସହ ୫ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି । ଅଭିଯୁକ୍ତ ମାନଙ୍କ ପାଖରୁ ପୁଲିସ ଲୁଟ୍ ବାଇକ ଓ ମୋବାଇଲ ଜବତ କରିଛି । ସୂଚନା ଅନୁସାରେ ଗତ ୧୩ ତାରିଖ ରାତି ପ୍ରାୟ ୮ ଟା ସମୟରେ ଭଇଁଷା ଗାଁର ଅଜୟ ନନ୍ଦ ବଲାଙ୍ଗିରରୁ ଘରକୁ ଫେରୁଥିବା ବେଳେ ମନହୀରା ଗାଁ ବାଗପଡ଼ା ଛକ ନିକଟରେ ପାଞ୍ଚ ଜଣ ଯୁବକ ତାଙ୍କୁ ଅଟକାଇବା ସହ ଏକ ବାଉଁଶ ଠେଙ୍ଗାରେ ତାଙ୍କୁ ଆକ୍ରମଣ କରିଥିଲେ । ଜୀବନରେ ମାରିଦେବାକୁ ଧମକ ଦେଇ ତାଙ୍କ ପାଖରୁ ଦାମୀ ମୋବାଇଲ, ବାଇକ୍ ଓ ୪୦ ହଜାର ଟଙ୍କା ଲୁଟି ନେଇଥିଲେ । ଏବିଷୟରେ ଯୁବକ ଜଣ ଲୋଇସିଂହା ଥାନାରେ ଅଭିଯୋଗ କରିବା ପରେ ପୁଲିସ କେସ ନଂ ୩୮୭ରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା । ଇନ୍‌ସପେକ୍ଟର ଯାଜ୍ଞସେନୀ ନାଏକଙ୍କ ନେତୃତ୍ୱରେ ଅଭିଯୁକ୍ତଙ୍କୁ ଧରିବା ପାଇଁ ବିଭିନ୍ନ ସ୍ଥାନରେ ଚଢ଼ଉ କରାଯାଇଥିବା ବେଳେ ଦୁଇ ନାବାଳକ ସହ ପାଞ୍ଚ ଜଣଙ୍କୁ ଗିରଫ କରାଯାଇଛି । ଗିରଫ ଅଭିଯୁକ୍ତମାନେ ମନହୀରା ଗାଁର ନିତୀନ ଭୁଆ, ସାଗର କହିଣ୍ଡା, ରାଜେଶ ପୋଢ ବୋଲି ଜଣାପଡ଼ିଛି । ଲୁଟ୍ ହୋଇଥିବା ବାଇକ ଓ ମୋବାଇଲ ଫୋନ ଅଭିଯୁକ୍ତ ମାନଙ୍କ ପାଖରୁ ଉଦ୍ଧାର ହୋଇଥିବା ପୁଲିସ ସୂଚନା ଦେଇଛି । ଅନ୍ୟପକ୍ଷରେ ଏହି ଅଞ୍ଚଳରେ ବେଆଇନ ଭାବେ ମଦ କାରବାର ଚାଲୁଥିବାରୁ ବିଭିନ୍ନ ସମୟରେ ଏମିତି ଘଟଣା ଘଟୁଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି । ଏହାକୁ ରୋକିବା ପାଇଁ ମଧ୍ୟ ପୁଲିସ ଉଦ୍ୟମ କରିବ ବୋଲି ପୁଲିସ ସୂଚନା ଦେଇଛି ।

ଗନ୍ଧମାର୍ଦ୍ଦନର ସୁରକ୍ଷା ପାଇଁ ମେଳି

## ସୁରକ୍ଷା ପାଇଁ ଅଣ୍ଟା ଭିଡ଼ିଲେ ଆଦିବାସୀ

**ବଲାଙ୍ଗିର, ୧୫ ।୧୧(ସମିସ)**

ବିର୍ସାମୁଣ୍ଡାଙ୍କ ଜନ୍ମ ଜୟନ୍ତୀ ଅବସରରେ ବଲାଙ୍ଗିର ଖପ୍ରାଖୋଲର ହାଇସ୍କୁଲ ପଡ଼ିଆରେ ଏକ ବିରାଟ ଜନସମାବେଶର ଆୟୋଜନ ହୋଇଯାଇଛି । ବଲାଙ୍ଗିର ଜିଲ୍ଲାର କୋଣ ଅନୁକୋଣରୁ ଆଦିବାସୀମାନେ ଆସି କାର୍ଯ୍ୟକ୍ରମରେ ଯୋଗ ଦେଇଛନ୍ତି । ପଶ୍ଚିମ ଓଡ଼ିଶାର ପରିଚୟ ଗନ୍ଧମାର୍ଦ୍ଦନ ପର୍ବତର ସୁରକ୍ଷା ପାଇଁ ଏଭଳି ଏକ କାର୍ଯ୍ୟକ୍ରମର ଆୟୋଜନ । ଗନ୍ଧମାର୍ଦ୍ଦନ ପାହାଡ଼ରେ ଖଣି ଖନନ ହେବା ନେଇ ଚର୍ଚ୍ଚା ଆରମ୍ଭ ହେବା ପରେ ପୁଣିଥରେ ଜନ ଆନ୍ଦୋଳନ ତେଜିବାରେ ଲାଗିଛି । ଏନେଇ ଶୁକ୍ରବାର ଖପ୍ରାଖୋଲର ହାଇସ୍କୁଲ ପଡ଼ିଆରେ ଏକ ବିରାଟ ଜନସମାବେଶର ଆୟୋଜନ କରାଯାଇଛି । ଗନ୍ଧମାର୍ଦ୍ଦନ ସୁରକ୍ଷା ଯୁବ ପରିଷଦ ଖପ୍ରାଖୋଲ ଶାଖା ତରଫରୁ ଆୟୋଜିତ କାର୍ଯ୍ୟକ୍ରମରେ ସଭାରେ ପଦ୍ମପୁର ବିଧାୟିକା ବର୍ଷା ସିଂ ବରିହା, ପାଟଣାଗଡ଼ର ପୂର୍ବତନ ବିଧାୟକ ସରୋଜ ମେହେର,



ଗନ୍ଧମାର୍ଦ୍ଦନ ସୁରକ୍ଷା ପରିଷଦର ନେତା ଭବାନୀ ହୋତା, ପ୍ରମୋଦ ମିଶ୍ରଙ୍କ ସମେତ ଅନ୍ୟ ବହୁ ନେତା ଉପସ୍ଥିତ ଥିଲେ । ସଭା ପ୍ରାରମ୍ଭରେ ସହିତ ବିର୍ସା ମୁଣ୍ଡାଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା । ଗନ୍ଧମାର୍ଦ୍ଦନ ପର୍ବତ ହେଉଛି ଏ ଅଞ୍ଚଳର ଜୈବବିବିଧତାର ପ୍ରମୁଖ କାରକ, ତା ଦେହରେ ଅସଂଖ୍ୟ ଗୁଳ୍ମ ଲତା, ଔଷଧୀୟ ବୃକ୍ଷ ଏବଂ ଅନ୍ୟୁନ୍ୟ ୨୨ ଟି ଛୋଟ ବଡ଼ ଝରଣା ବାହାରିଛି । ସେଥିରୁ ସୃଷ୍ଟି ହୋଇଛି ଅଙ୍ଗ ଏବଂ ସୁକତେଲ ନଦୀ । ଏ ଅଞ୍ଚଳର ଅଧିବାସୀଙ୍କ ଜୀବନ ଜୀବିକା ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବରେ ଗନ୍ଧମାର୍ଦ୍ଦନ ପର୍ବତମାଳା ଉପରେ ନିର୍ଭରଶୀଳ । ଏହି ପର୍ବତର ପାଦଦେଶରେ ରହିଥିବା ହରିଶଙ୍କର ଏବଂ ନୃସିଂହନାଥ ମନ୍ଦିର ଅଞ୍ଚଳର ସଂସ୍କୃତି, ଐତିହ୍ୟକୁ ବିଶ୍ୱ ଦରବାରରେ ପରିଚିତ କରାଉଛି । ଏ ସବୁ ସତ୍ତ୍ୱେ ଗନ୍ଧମାର୍ଦ୍ଦନରେ ଥିବା ବକ୍ସାଇଟ ଉପରେ କମ୍ପାନୀମାନଙ୍କର ଲୋଭି ନଜର ହଟୁନାହିଁ । ପୂର୍ବରୁ ବାଲକୋ ଏବଂ ଅନ୍ୟାନ୍ୟ କମ୍ପାନୀମାନେ ଏଠାରୁ ଖଣି ଖନନ କରିବାକୁ ପ୍ରୟାସ କରିଥିବା ବେଳେ ତୀବ୍ର ବିରୋଧ ଯୋଗୁଁ ତାହା ବନ୍ଦ ହୋଇଥିଲା । କିନ୍ତୁ ଏବେ ଓଡ଼ିଶାରେ ନୂଆ ସରକାର ହେବା ପରେ ପୁଣିଥରେ ଖଣି ଖନନ ପାଇଁ ପ୍ରୟାସ କରାଯାଉଥିବା ଚର୍ଚ୍ଚା ହେଉଛି । ଏହାରି ବିରୋଧରେ ପୁଣିଥରେ ଜନଆନ୍ଦୋଳନ ମୁଣ୍ଡ ଟେକିଛି । ଗନ୍ଧମାର୍ଦ୍ଦନ ଦେହରେ ଯିଏ ହାତ ମାରିବ ଆଦିବାସୀମାନେ ତାର ଜବାବ ଦେବେ ବୋଲି ମତପ୍ରକାଶ ପାଇଛି ।

ଧନୁଯାତ୍ରା ମହୋତ୍ସବର ଚତୁର୍ଥ ରଜନୀ

## ଦର୍ଶକଙ୍କୁ ବାନ୍ଧି ରଖିଲା ସାଂସ୍କୃତିକ କାର୍ଯ୍ୟକ୍ରମ

**ବଙ୍ଗୋମୁଣ୍ଡା, ୧୫ ।୧୧ (ସମିସ):** ବଙ୍ଗୋମୁଣ୍ଡା ସର୍ବସାଧାରଣ ଖେଳପଡ଼ିଆରେ ଚାଲିଥିବା ୩୮ ତମ ବଙ୍ଗୋମୁଣ୍ଡା ଧନୁଯାତ୍ରା ମହୋତ୍ସବ ଚତୁର୍ଥ ଦିନରେ




ପହଞ୍ଚିଚଛି । ମହୋତ୍ସବର ଚତୁର୍ଥ ରଜନୀରେ ପୌରାଣିକ ନାଟ୍ୟବସ୍ତୁ ଆଧାରିତ କଂସକୁ ସ୍ୱପ୍ନାଦେଶ, ଗୋପୀମାନଙ୍କ ଦହିବିକ୍ରି, କଂସ ଚନ୍ତିତ ଓ ମର୍ମାହତ, ଷଣ୍ଢାସୁର ବଧ, କୁବୁଜା ଉଦ୍ଧାର, ସୁଦାମା ମାଳୀ ଉଦ୍ଧାର, ରଜକ ଉଦ୍ଧାର, କୁବଳୟା ବଧ ଆଦି ନାଟ୍ୟାଭିନୟ ରଙ୍ଗମଞ୍ଚରେ ପରିବେଷିତ ହୋଇଥିଲା । ଧନୁଯାତ୍ରା ମହୋତ୍ସବର ଚତୁର୍ଥ ସନ୍ଧ୍ୟାରେ କଂସ ଦରବାରକୁ ରାଜକୀୟ ଅତିଥି ଭାବେ ରାଜ୍ୟସଭା ସାଂସଦ ନିରଞ୍ଜନ ବିଶି, ବିଧାୟକ ଲକ୍ଷ୍ମଣ ବାଗ, ପୂର୍ବତନ ବିଧାୟକ ଆୟୁବ ଖାନ, ହାସ୍ୟ କବି ରସରାଜ ଅଚ୍ୟୁତ ପୁରୋହିତ, ଶଳା ବୁଢା ବଦଳାର ଅଭିନେତ୍ରୀ ଚନ୍ଦନା ସିଂ ଯୋଗ ଦେଇଥିଲେ । କଳା, ସଂସ୍କୃତି, ପରମ୍ପରା, ଐତିହ୍ୟର ସୁରକ୍ଷା, ସଂରକ୍ଷଣ ପାଇଁ ଧନୁଯାତ୍ରା ମହୋତ୍ସବ ମାଧ୍ୟମରେ ପ୍ରୟାସ ପ୍ରଶଂସନୀୟ ବୋଲି ଅତିଥି ଗଣ ମତବ୍ୟକ୍ତ କରିଥିଲେ । ବିଭିନ୍ନ ଅନୁଷ୍ଠାନ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା ।

## ସୁନାମ ବଢ଼ାଇଲେ ତିନି ସୁନାପୁଅ

# ସୁବର୍ଣ୍ଣପୁରର ତିନିଜଣଙ୍କୁ ଚଳଚ୍ଚିତ୍ର ପୁରସ୍କାର

ସୋନପୁର, ୧୫।୧୧(ସମିସ)





ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର ୨୦୨୦-୨୦୨୨ ପାଇଁ ଗୁରୁବାର ଘୋଷିତ ହୋଇଛି। ଏନେଇ କଳା ଓ ସଂସ୍କୃତିର ମାଟି ସୁବର୍ଣ୍ଣପୁରରେ ଖୁସିରଲହରୀ ଖେଳିଯାଇଛି। ଏହି ମାଟିର ତିନି କୃତୀ ସନ୍ତାନଙ୍କୁ ବିଭିନ୍ନ ବିଭାଗରେ ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର ମିଳିବ। ବିଶିଷ୍ଟ ନାଟ୍ୟ ନିର୍ଦ୍ଦେଶକ ତଥା ସିନେ ଅଭିନେତା ନାଟ୍ୟଶ୍ରୀ ଗଦାଧର ବାରିକଙ୍କୁ ୨୦୨୨ରେ ଶ୍ରେଷ୍ଠ ପାର୍ଶ୍ୱ ଅଭିନେତା ସମ୍ମାନ ମିଳିବ। ଚଳଚ୍ଚିତ୍ର 'ଖରା' ପାଇଁ ସେ ପୁରସ୍କୃତ ହେବେ। ସୋନପୁରର ନାଟ୍ୟ ଜଗତରେ ଗଦାଧର ଏକ ଅତି ପରିଚିତ ନାମ ହୋଇଥିବାରୁ ତାଙ୍କୁ ଚାରିଆଡୁ ଶୁଭେଚ୍ଛାର ସୁଅ ଛୁଟୁଛି। ସେହିପରି ଭୁଲଭୁଲେୟାଁ-୩ ମାଧ୍ୟମରେ ଚିଳଚ୍ଚିତ୍ର ନଗରୀ ମୁମ୍ବାଇରେ ନିଜ ପାଇଁ ସ୍ୱତନ୍ତ୍ର ସ୍ଥାନ ସୃଷ୍ଟି କରିଥିବା ସୋନପୁରର ଯୁବକ ରାଜକିଶୋର ହୋତା ମଧ୍ୟ ପୁରସ୍କୃତ ହେବେ। ରାଜକିଶୋରଙ୍କ ପ୍ରଯୋଜନାରେ ନିର୍ମିତ ଚଳଚ୍ଚିତ୍ର 'ଦି ମାଉଣ୍ଟେନ୍ ହକି' ୨୦୨୧ ପାଇଁ ଶ୍ରେଷ୍ଠ ପ୍ରାମାଣିକ ଚଳଚ୍ଚିତ୍ର ଭାବେ ଘୋଷିତ ହୋଇଛି। ହିନ୍ଦି ସିନେ ଜଗତରେ ରାଜକିଶୋରଙ୍କ ସଫଳତା ଜାରି ରହିଛି। ତେବେ ସୁବର୍ଣ୍ଣପୁର ମାଟିର ସୁଯୋଗ୍ୟ ସନ୍ତାନ ବିଶିଷ୍ଟ ସିନେ ସାମ୍ବାଦିକ ତଥା ସମୀକ୍ଷକ ସୂର୍ଯ୍ୟ ଦେଓ ଜିଲ୍ଲା ପାଇଁ ଡବଲ୍ ଖୁସି ଆଣି ଦେଇଛନ୍ତି। ଶ୍ରେଷ୍ଠ ଓଡ଼ିଆ ସିନେ ପୁସ୍ତକ ରଚୟିତା ଭାବେ ୨୦୨୦ ଏବଂ ୨୦୨୨ ପାଇଁ ସୂର୍ଯ୍ୟ ପୁରସ୍କୃତ ହେବେ। ୨୦୨୦ରେ ତାଙ୍କର ଜାତୀୟ ପୁରସ୍କାର ପ୍ରାପ୍ତ ସିନେ ପୁସ୍ତକ 'କାଲି ପାଇଁ କାଲିର ସିନେମା' ଶ୍ରେଷ୍ଠ ଓଡ଼ିଆ ସିନେମା ପୁସ୍ତକ ବିବେଚିତ ହୋଇଛି। ସେହିପରି ୨୦୨୨ରେ ସୂର୍ଯ୍ୟ ଦେଓଙ୍କ ପୁସ୍ତକ ଓଡ଼ିଆ ସିନେମା ଗୀତ(ସତୁରୀରୁ ଅଠସ୍ତରୀ)କୁ ଶ୍ରେଷ୍ଠ ଓଡ଼ିଆ ସିନେ ପୁସ୍ତକ ପୁରସ୍କାର ମିଳିବ।

ସିନେମା କ୍ଷେତ୍ରରେ ନିଜର ଅଧବସାୟ ଜାରି ରଖି ପୂର୍ବରୁ ସୁବର୍ଣ୍ଣପୁରର ଦୁଇ କୃତୀ ସନ୍ତାନ ବିଶିଷ୍ଟ ଫିଲ୍ମ ନିର୍ଦ୍ଦେଶକ ସବ୍ୟସାଚୀ ମହାପାତ୍ର ଏବଂ ପଦ୍ମଶ୍ରୀ ନୀଳମାଧବ ପଣ୍ଡା ଜିଲ୍ଲା ତଥା ରାଜ୍ୟ ପାଇଁ ବହୁ ସୁନାମ ଆଣିଛନ୍ତି। ଏବେ ଏହି ତିନି ଜଣ ସୁନା ପୁଅ ସୁନାମାଟିର ଗୌରବକୁ ଦ୍ୱିଗୁଣିତ କରିଛନ୍ତି।

## କାର୍ତ୍ତିକ ପୂର୍ଣ୍ଣିମାରେ ବ୍ରହ୍ମଯଜ୍ଞ ମହିମା ବାଲ୍ୟଲୀଳା



ସିନାପାଲି, ୧୫।୧୧(ସମିସ): ମହିମା ସାଧୁ ଆଶ୍ରମ ପରିସରରେ ପବିତ୍ର କାର୍ତ୍ତିକ ପୂର୍ଣ୍ଣିମା ଉପଲକ୍ଷେ ବ୍ରହ୍ମଯଜ୍ଞ ମହିମା ବାଲ୍ୟଲିଳା ଅନୁଷ୍ଠିତ ହୋଇଛି। ସାଧୁସନ୍ଥଙ୍କୁ ସ୍ୱାଗତ ପୂର୍ବକ ନଗର ପରିକ୍ରମା କରାଯାଇ ସଂଧ୍ୟାରେ ପ୍ରଥମେ ବ୍ରହ୍ମଧୂନି ସ୍ଥାପନ, ଘୃତାହୁତୀ, ଆଠ ଭଜନ ପରେ ରାତିରେ ଅବଧୂତ କପିଳେଂଦ୍ର ବାବାଙ୍କ ଦ୍ୱାରା ଆପ୍ତ ବଚନ ପ୍ରଦାନ କରାଯାଇଥିଲା। ପରେ ଦଳବେ?ା ମହିମା ଭଜନ ଦଳ ଭଜନ ପରିବେଷଣ କରିଥିଲେ। ରାତିସାରା କାର୍ଯ୍ୟକ୍ରମ ଚାଲିଥିବା ବେଳେ ଶୁକ୍ରବାର ସକାଳେ ପ୍ରସାଦ ଅର୍ପଣ ପରେ ପୂର୍ଣ୍ଣାହୁତି କରାଯାଇଥିଲା। ଆବାହକ ସାଧୁ ରବୀନ୍ଦ୍ର ଦାସଙ୍କ ତତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ଯାଜ୍ଞିକସାଧୁ ଅବଧୂତ ସନ୍ତୋଷ ବାବା, ଅବଧୂତ କପିଳେନ୍ଦ୍ର ବାବା ଓ ଅବଧୂତ ବ୍ରହ୍ମାନନ୍ଦ ବାବା ଯଜ୍ଞକାର୍ଯ୍ୟ ପରିଚାଳନା କରିଥିଲେ। ସିନାପାଲି ସହର ସମେତ ଆଖପାଖ ଅଞ୍ଚଳରୁ ଶ୍ରଦ୍ଧାଳୁଙ୍କ ଭିଡ଼ ପରିଲିକ୍ଷିତ ହୋଇଥିଲା। ଆୟୋଜନରେ ସାଧୁ ମଧୁ ଦାସ, ସାଧୁ ରାମ ଦାସ, ସାଧୁ ଗୋକୁଳାନନ୍ଦ ଦାସ, ସାଧୁ ଯୋଗାନନ୍ଦ ଦାସ ଓ ଅନ୍ୟସାଧୁମାନେ ସହଯୋଗ କରିଥିଲେ।

## ପୁଣ୍ୟପୀଠ ରାମେଶ୍ୱର ତ୍ରିବେଣୀ ସଙ୍ଗମରେ ମହାଆଳତି

### ● ବେଦମନ୍ତ୍ର, ହରିବୋଲ ଓ ଘଣ୍ଟଘଣ୍ଟା ବାଦ୍ୟରେ କମ୍ପିଲା ଆଳତିସ୍ଥଳ



ସୋନପୁର, ୧୫।୧୧(ସମିସ): ପବିତ୍ର କାର୍ତ୍ତିକ ପୂର୍ଣ୍ଣିମା ଅବସରରେ ସନ୍ଧ୍ୟାରେ ଓଡ଼ିଶାର ସ୍ୱର୍ଣ୍ଣ ପ୍ରୟାଗ ଭାବେ ଖ୍ୟାତ ସୁବର୍ଣ୍ଣପୁରର ପୁଣ୍ୟ ପୀଠ ରାମେଶ୍ୱର ତ୍ରିବେଣୀ ସଙ୍ଗମରେ ମହାଆଳତି ଅନୁଷ୍ଠିତ ହୋଇଛି। ବାରଣାସୀ ଗଙ୍ଗା ଆଳତି ଭଳି ଦ୍ୱିତୀୟ ବାରଣାସୀରେ ବି ଅବିକଳ ଆଳତି ଅନୁଷ୍ଠିତ ହୋଇଥିଲା। ହଜାର ହଜାର ଶ୍ରଦ୍ଧାଳୁ ଆଳତି ଦର୍ଶନ କରି ଦୀପ ଭସାଇଥିଲେ। ପୁରୋହିତଙ୍କ ବେଦ ମନ୍ତ୍ର, ହରିବୋଲ, ହୁଳହୁଳି ଏବଂ ଘଣ୍ଟ ଘଣ୍ଟା ବାଦ୍ୟରେ ପ୍ରକମ୍ପିତ ହେଲା ମହାନଦୀ, ତେଲନଦୀ ଓ କର୍ପୂର ନଦୀର ସଙ୍ଗମ ସ୍ଥଳ ପୁଣ୍ୟ ତ୍ରିବେଣୀ ସଙ୍ଗମ। ହଜାର ହଜାର ଶ୍ରଦ୍ଧାଳୁ ବର୍ଷରେ ଅନୁଷ୍ଠିତ ଏହି ଦିବ୍ୟ ମହା ଆଳତି ଦର୍ଶନ କରି ନିଜକୁ ଧନ୍ୟମନେ କରିଥିଲେ। ବାବା ରାମେଶ୍ୱର, ପୁଣ୍ୟତୋୟା ମହାନଦୀ, ତ୍ରିବେଣୀ ସଙ୍ଗମ ଏବଂ ପୂର୍ଣ୍ଣ ଚନ୍ଦ୍ରଙ୍କୁ ଆଳତି କରାଯାଇଥିଲା। ପରେ ପୁରୋହିତଙ୍କ ଦ୍ୱାରା ଆଳଟ ଚାମର ସେବା କରାଯାଇଥିଲା। ଆଳତି ସମାରୋହରେ ଏଡିଏମ ଅଞ୍ଜଳିନା ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ପଣ୍ଡିତ ରାଜୀବ ଲୋଚନ ପଣ୍ଡା, ରାଧେଶ୍ୟାମ ପୁରୋହିତ, ବାସୁଦେବ ଶତପଥୀ, ସୁଶାନ୍ତ ପୁରୋହିତ, ବୁଲୁ ମିଶ୍ର, ଦିନେଶ ତ୍ରିପାଠୀ ଏବଂ ସଚ୍ଚିଦାନନ୍ଦ ଦାଶ ମହାଆଳତି ଅର୍ପଣ କରିଛନ୍ତି। ଅଧ୍ୟାପକ ମଦନ ସୁନ୍ଦର ଖେତି ଆଳତି ବନ୍ଦନା ଗାନ କରିଛନ୍ତି। ଶ୍ୟାମାଓଁ ପ୍ରସାଦ ମିଶ୍ର, ମନୋଜ ବାରିକ, ଦେବଦତ୍ତ ମହାପାତ୍ର, ବିଘ୍ନରାଜ ପଣ୍ଡା, ଗଣପତି ବାଘ, ସୁଶାନ୍ତ ପଣ୍ଡା, ପ୍ରଭୁଦତ୍ତ ରଥ, ଗଦାଧର ବାରିକ, ବେଣୁଧର ପ୍ରଧାନ, ଧରଣୀଧର ମିଶ୍ର, ସୌରଭ ଖମାରୀ, ଗୌରୀ ଶଙ୍କର ଦଣ୍ଡସେନା, ବିଘ୍ନରାଜ ପଣ୍ଡା, କିଶୋର ମେହେର ଓ ଶ୍ରୀବତ୍ସ ମଲ୍ଲିକ ପ୍ରମୁଖ ମହା ଆଳତି ଆୟୋଜନରେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ।

### ● ପାଳଗଦାରେ ୨ ନାବାଳକଙ୍କୁ ଜୀବନ୍ତ ଜାଳିବା ଉଦ୍ୟମ ଘଟଣା

## ନ୍ୟାୟ ପାଇଁ ଥାନାର ଦ୍ୱାରସ୍ଥ ହେଲେ ପରିବାର




କୋମନା, ୧୫।୧୧(ସମିସ): ନୂଆପଡ଼ା ଜିଲ୍ଲା କୋମନା ଥାନା ଦାନଝଲା ଗ୍ରାମରେ ଗୁରୁବାର ଏକ ଅଭାବନୀୟ ଘଟଣା ଘଟିଛି। ୨ ଜଣ ନାବାଳକଙ୍କୁ ଜୀବନ୍ତ ଜାଳିଦେବାର ଉଦ୍ୟମ ହୋଇଥିବା ଅଭିଯୋଗ ହୋଇଛି। ସୂଚନାନୁଯାୟୀ, ଦାନଝଲା ଗ୍ରାମର କେଶବ ନାଗ(୪୫)ଙ୍କ ସାନପୁଅ ଭିଷ୍ମ ନାଗ (୭) ଓ ବଡ଼ପୁଅ ବୁଦ୍ଧଦେବ(୧୫) ଘରେ ଖେଳୁଥିଲେ। ଭିଷ୍ମ ମଳତ୍ୟାଗ କରିବାକୁ ଯାଉଛି କହି ଘରୁ ବାହାରକୁ ଯାଇଥିଲେ। ସେହି ଗ୍ରାମର କୁଶ କେତକି ଗାଁ ଦାଣ୍ଡରେ ତାଙ୍କୁ ଗାଲିଗୁଲଜ କରିବା ସହ ମାର୍‌ପିଟ କରି ଗାଁ ମୁଣ୍ଡରେ ଥିବା ଏକ ପାଳଗଦା ଉପରେ ପକାଇ ଅନ୍ୟ ଜଣେ ସାଙ୍ଗ ଅର୍ଜୁନ କେତକିଙ୍କ ସହ ମିଶି ନିଆଁ ଲଗେଇ ଥିଲେ। ଘଟଣାକୁ କୌଣସି ମତେ ବଡ଼ପୁଅ ବୁଦ୍ଧଦେବ ଶୁଣି ସାନଭାଇକୁ ବଞ୍ଚାଇବାକୁ ଘଟଣାସ୍ଥଳରେ ପହଞ୍ଚି ଉଦ୍ଧାର କରିବାକୁ ଚେଷ୍ଟା କରିଥିଲା। ହେଲେ ବୁଦ୍ଧଦେବକୁ ମଧ୍ୟ ସେହି ଦୁଇଜଣ ମିଶି ଜଳୁଥିବା ନିଆଁରେ ଫିଙ୍ଗିଦେଇ ଫେରାର ମାରିଥିଲେ। ଫେରାର ମାରିବା ପରେ ଦୁଇ ଭାଇ ନିଆଁରୁ ପୋଡ଼ିହୋଇ ବାହାରିଥିଲେ। ଉଭୟଙ୍କୁ ପରିବାର ଲୋକେ ଆମ୍ବୁଲାନ୍ସରେ କୋମନା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଚିକିତ୍ସା ପାଇଁ ଆଣିଥିଲେ। ଉଭୟଙ୍କ ସ୍ୱାସ୍ଥ୍ୟବସ୍ଥା ଗୁରୁତର ହେବାରୁ ନୂଆପଡ଼ା ଜିଲ୍ଲା ଚିକିତ୍ସାଳୟକୁ ଅଧିକ ଚିକିତ୍ସା ପାଇଁ ଡାକ୍ତର ପଠେଇ ଦେଇଥିଲେ। ଏନେଇ କୋମନା ଥାନାରେ ଅଭିଯୋଗ ପରେ ପୁଲିସ ଗାଁରେ ପହଞ୍ଚି ଘଟଣାର ତଦନ୍ତ କରୁଥିବା ଜଣାପଡ଼ିଛି।

## ପାପକ୍ଷୟ ଘାଟରେ ବୁଡ଼ ପକାଇଲେ ଶତାଧିକ ମହିଳା

ବିନିକା, ୧୫ ।୧୧(ସମିସ): ପବିତ୍ର କାର୍ତ୍ତିକ ପୂର୍ଣ୍ଣିମା ଅବସରରେ ଶୁକ୍ରବାର ଭୋର ସମୟରେ ବିନିକାସ୍ଥିତ ପୁଣ୍ୟପୀଠ ପାପକ୍ଷୟ ଘାଟରେ ଶତାଧିକ ମହିଳା ବୁଡ଼ ପକାଇ ନିକଟସ୍ଥ ବଟବୃକ୍ଷ ଅର୍ଗଲିରେ ଚାଲି ନିଜର ପାପକୁ ଦୂର କରିଥିଲେ। ପୂର୍ବ ପୁରୁଷଙ୍କ ଉଦ୍ଦେଶ୍ୟରେ ଏବଂ ଚତୁର୍ଦ୍ଦଶୀରେ ଉଜାଗର ରହିଥିବା ମହିଳାମାନେ ହୁଳହୁଳି ଦେଇ ଦୀପ ଜାଳି ମହାନଦୀରେ ଡଙ୍ଗା ଭସାଇଥିଲେ। ସେହିପରି ବିନିକା ଅଞ୍ଚଳର ବିଭିନ୍ନ ଗ୍ରାମର ନଦୀ, ନାଳ ଓ ପୋଖରୀ ଆଦି ସ୍ଥାନରେ ମଧ୍ୟ ମହିଳାମାନେ ଡଙ୍ଗା ଭସାଇଥିଲେ। ଏହା ବ୍ୟତୀତ ପଲ୍ଲୀରୁ ସହର ଯାଏ ଆଧାତ୍ମିକ କାର୍ଯ୍ୟକ୍ରମ ନାମ ସଙ୍କୀର୍ତ୍ତନ ସହ ସୁନ୍ଦରାକାଣ୍ଡ ପାରାୟଣ ଓ ଭାଗବତ ଆଦି ପରିବେଷଣ ହୋଇଥିଲା।

## ଗରିବ ମେଧାବୀ ଛାତ୍ରଛାତ୍ରୀଙ୍କ ପାଇଁ ମହାନଦୀ ମେଧାବୃତ୍ତି ଆରମ୍ଭ

ସୋନପୁର, ୧୫ ।୧୧(ସମିସ): ଗରିବ ଛାତ୍ରଛାତ୍ରୀଙ୍କ ମାଗଣା ଶିକ୍ଷା ବ୍ୟବସ୍ଥା ପାଇଁ ସୁବର୍ଣ୍ଣପୁର ସହରର ଇ-ମଡେଲ ପବ୍ଲିକ ସ୍କୁଲ ଓ ନିଓ କମ୍ପ୍ୟୁଟର ମିଳିତ ଆନୁକୂଲ୍ୟରେ ମହାନଦୀ ମେଧାବୃତ୍ତି ଯୋଜନାର




ଆରମ୍ଭ କରାଯାଇଛି। ଏହି ଅବସରରେ ସମାଜସେବୀ କ୍ଷୀରସାଗର ବିଭାରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଜାତୀୟ ଶିକ୍ଷା ଦିବସ ଓ ଶିଶୁ ଦିବସ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଅଧ୍ୟାପକ ଉମାକାନ୍ତ ନାଗ, ମୁଖ୍ୟବକ୍ତା ଭାବେ ଆଇନଜୀବୀ ଅଦ୍ୱୈତ ପଣ୍ଡା, ସ୍ୱତନ୍ତ୍ର ଅତିଥିଭାବେ ଡ଼.ଅନିରୁଦ୍ଧ କୁରକୁରିଆ, ବରିଷ୍ଠ ସାମ୍ବାଦିକ ଦିଲ୍ଲୀପ ପାତ୍ର ପ୍ରମୁଖ ଯୋଗଦେଇ ଥିଲେ। ସମାଜସେବୀ ଦୁର୍ଯ୍ୟୋଧନ ମେହେର ଓ ଶିଶୁ ଅତିଥି ତ୍ରିନାଥ ମେହେର ମଧ୍ୟ ମଞ୍ଚାସୀନ ଥିଲେ।ଅନୁଷ୍ଠାନର ସମସ୍ତ ଶିକ୍ଷାର୍ଥୀ ଓ ଅନେକ ମାନ୍ୟଗଣ୍ୟ ବ୍ୟକ୍ତି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। ମହାନଦୀ ମେଧାବୃତ୍ତି ଏକ ମାଗଣା ଶିକ୍ଷା ମେଧାବୃତ୍ତି ଯୋଜନା, ଯାହାକି ପ୍ରଥମ ପର୍ଯ୍ୟାୟରେ ସୁବର୍ଣ୍ଣପୁର ଓ ବୌଦ୍ଧ ଜିଲ୍ଲାର ଅନାଥ, ବେସାହାରା, ଅନୁସୂଚିତ ଜାତି, ଜନଜାତି ଛାତ୍ରଛାତ୍ରୀଙ୍କୁ ମାଗଣାରେ ପ୍ରଥମରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ପାଠପଢ଼ା ସହ ସମସ୍ତ ଆନୁସଙ୍ଗିକ ଖର୍ଚ୍ଚ ଇ-ମୋଡେଲ ପବ୍ଲିକ ସ୍କୁଲ ମାଧ୍ୟମରେ ଯୋଗାଇ ଦେବାକୁ ନିଷ୍ପତ୍ତି ହୋଇଛି। ମାଗଣାରେ ଶିକ୍ଷାଦାନ ବ୍ୟବସ୍ଥାକୁ ବ୍ୟାପକ କରିବାକୁ ସରକାରଙ୍କ ଦୃଷ୍ଟି ଆକର୍ଷଣ କରାଯିବ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। କାର୍ଯ୍ୟକ୍ରମରେ ସହକର୍ମୀ ଶିବାନୀ ଡାକୁଆ, ରୋଜାଲିନ ବେହେରା, ବାଦଲ ଦଳବେହେରା, ନବୀନ ମଲିକ, ଜ୍ୟୋତିସାଗର ବିଭାର, ମନୋଜ କୁମ୍ଭାର, ସତ୍ୟବତୀ ସା, ମୁକ୍ତା ଷଷଣ୍ଢ, ପ୍ରିୟଙ୍କା ବିଭାର, ରାଜେଶ ରଣା ପ୍ରମୁଖ ସହଯୋଗ କରିଥିବା ବେଳେ ଅନୁଷ୍ଠାନ ସହ ମୁଖ୍ୟ ବିଶ୍ୱଜିତ ପାତ୍ର ଅତିଥି ପରିଚୟ ସହ ଧନ୍ୟବାଦ ଅର୍ପଣ କରିଥିଲେ।

## ଦେବାଳୟରେ ଶ୍ରଦ୍ଧାଳୁଙ୍କ ଭିଡ଼

ସୁବଳୟା, ୧୫।୧୧(ସମିସ): କାର୍ତ୍ତିକ ପୂର୍ଣ୍ଣିମା ତଥା ପଞ୍ଚୁକ ଶେଷ ଦିନରେ ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ଅଞ୍ଚଳର ବିଭିନ୍ନ ଦେବାଳୟ ପରିସର ଉତ୍ସବମୁଖର ହୋଇଥିବାବେଳେ ଗ୍ରାମରେ ସଂକୀର୍ତ୍ତନ ଓ ଭକ୍ତି ରସାତ୍ମକ ଉତ୍ସବ ଅନେକ ସ୍ଥାନରେ ଅନୁଷ୍ଠିତ ହୋଇଯାଇଛି। ବ୍ରତଧାରୀ ହବିଶ୍ୟାଳୀଙ୍କ ମାସ ବ୍ୟାପୀ ନିଷ୍ଠାଭରା ସାମ୍ବତ୍ସରିକ ବ୍ରତ ଉଦ୍‌ଯାପିତ ହୋଇଛି। ଅଞ୍ଚଳର ବିଭିନ୍ନ ଶୈବପୀଠରେ ଶ୍ରଦ୍ଧାଳୁଙ୍କ ଭିଡ଼ ଦେଖିବାକୁ ମିଳିଥିଲା। ଜଟେସିଂହା ପଞ୍ଚାୟତ ଅଧୀନ ମହାନଦୀ କୂଳରେ ଅବସ୍ଥିତ ପ୍ରାଚୀନ ତଥା ପ୍ରସିଦ୍ଧ ବାବା ଗୋଧନେଶ୍ୱର ଶୈବପୀଠରେ ମହାଦେବଙ୍କ ଦର୍ଶନ ପାଇଁ ବହୁ ସଂଖ୍ୟକ ଶ୍ରଦ୍ଧାଳୁଙ୍କ ଭିଡ଼ ଜମିଥିଲା। ଭୋର ୩ଟା ସମୟରୁ ମହାଦେବଙ୍କ ରୀତିକାନ୍ତି ପରେ ସର୍ବସାଧାରଣଙ୍କ ଦର୍ଶନ ହୋଇଥିଲା। ସେହିପରି ସୁରୁବାଲି ଜୋର କୂଳରେ ଅବସ୍ଥିତ ପ୍ରାଚୀନ ଶିବାଳୟ ସୁନାରୀବେନୀ ସ୍ୱପ୍ନେଶ୍ୱର ମନ୍ଦିର, ବୀରମହାରାଜପୁରସ୍ଥିତ ଚମେଶ୍ୱର ମନ୍ଦିର, ଟିଠିପାଲିସ୍ଥିତ ରାମେଶ୍ୱର ମନ୍ଦିରରେ ଦିନ ତମାମ ଶ୍ରଦ୍ଧାଳୁଙ୍କ ଭିଡ଼ ପରିଲକ୍ଷିତ ହୋଇଥିଲା।

## ସାମାଜିକ ସୁରକ୍ଷା ଯୋଜନାରେ ଆର୍ଥିକ ସହାୟତା



ତରଭା, ୧୫ ।୧୧(ସମିସ): ତରଭା ବ୍ଲକ ଝାରତରଭା ନିବାସୀ ସତ୍ୟ ନାଏକଙ୍କ ପତ୍ନୀ କୁମୁଦିନି ନାଏକ(୪୫)ଙ୍କ ଗତ ୨୯ ଜୁନ ୨୦୨୪ରେ ବଲାଙ୍ଗୀର ଡାକ୍ତରଖାନାରେ ମୃତ୍ୟୁ ଘଟିଥିଲା। ସେ ପ୍ରଧାନମନ୍ତ୍ରୀ ଜୀବନ ଜ୍ୟୋତି ବୀମା ଯୋଜନାରେ ସାମିଲ ଥିଲେ।ଗୁରୁବାର ତରଭା ବିଡ଼ିଓଙ୍କ କାର୍ଯ୍ୟାଳୟରେ କୁମୁଦିନିଙ୍କ ପୁଅ ବିକାଶ ନାଏକଙ୍କୁ ବିଡ଼ିଓ ଗଙ୍ଗାରାମ ବୁଡେକ ୨ ଲକ୍ଷ ଟଙ୍କାର ଚେକ୍ ପ୍ରଦାନ କରିଛନ୍ତି। ଏସ୍‌ବିଆଇ ଶାଖା ପରିଚାଳକ ସୁଶାନ୍ତ କୁମାର ସାହୁ, ବ୍ଲକ ପ୍ରୋଜେକ୍ଟ ମେନେଜର ସରିତ ସୁନା ଓ ଗଣ୍ଡାରାମ ବାଘ ପ୍ରମୁଖ ଉପସ୍ଥିତ ଥିଲେ।

## ଦିବ୍ୟଗ୍ରନ୍ଥ ପଠନ ପୂର୍ବକ ନିମ୍ବାର୍କ ଜୟନ୍ତୀ ଉଦ୍‌ଯାପିତ

ବୀରମହାରାଜପୁର, ୧୫।୧୧(ସମିସ): ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ବ୍ଲକ ସଦର ମହକୁମା ମିନି ଷ୍ଟାଡିୟମସ୍ଥିତ ନିମ୍ବାର୍କ ନଗରରେ ଶୁକ୍ରବାର ନିମ୍ବାର୍କ ଜୟନ୍ତୀ ସହିତ ଚାରିଗ୍ରନ୍ଥ ଓ ଅଷ୍ଟାଦଶ ପୁରାଣ ପଠନ, ବିଷ୍ଣୁ ସହସ୍ରନାମ, ଗୋପାଳ ସହସ୍ରନାମ, ରାଧା ସହସ୍ରନାମ, ହନୁମାନ ଚାଳିଶା, ହଂସଗୀତା ଓ ଶ୍ରୀମଦଭାଗବତ୍ ଗୀତା ପାଠ କାର୍ଯ୍ୟ ଅନୁଷ୍ଠିତ ହୋଇଯାଇଛି। କାର୍ତ୍ତିକ ପୂର୍ଣ୍ଣିମା ଅବସରରେ ଆୟୋଜିତ କାର୍ଯ୍ୟକ୍ରମରେ ପ୍ରାତଃ ସମୟରେ ଆଚାର୍ଯ୍ୟମାନଙ୍କ ଦ୍ୱାରା ଦେବ ଗୁରୁ ନିମନ୍ତ୍ରଣ ପରେ ଯଜ୍ଞ ମଣ୍ଡପ, ବ୍ୟାସ ମଣ୍ଡପରେ ପୂଜାର୍ଚ୍ଚନା ପରେ ଗୁରୁ ପୂଜନ ମଣ୍ଡପରେ ଯୁଗଳ କିଶୋର ମିଶ୍ର, ଦ୍ୱିତୀକୃଷ୍ଣ ପଣ୍ଡା, ବାଚସ୍ପତି ପଣ୍ଡା ଓ ଗିରିଧାରୀ ହୋତାଙ୍କ ଦ୍ୱାରା ଗୁରୁ ବନ୍ଦନା ପୂର୍ବକ କାର୍ଯ୍ୟକ୍ରମର ଶୁଭାରମ୍ଭ କରାଯାଇଥିଲା। ପରେ ଗୁରୁ ବଂଶୀଧର ଦାସ୍‌ଜୀ ମହାରାଜ୍ ଦିବ୍ୟ ପ୍ରବଚନ ପ୍ରଦାନ କରିଥିଲେ। ନିମ୍ବାର୍କ ଜୟନ୍ତୀ କେନ୍ଦ୍ରୀୟ କମିଟିର ସମ୍ପାଦକ ଲକ୍ଷ୍ମଣ କୁମାର ପାଣ୍ଡିଆ ବାର୍ଷିକ ବିବରଣୀ ପଠନ କରିଥିଲେ। ପୁରାଣ ପାଠ କାର୍ଯ୍ୟକ୍ରମରେ ବିନିକା, ସୋନପୁର, ଉଲୁଣ୍ଡା ଓ ବୀରମହାରାଜପୁର ବ୍ଲକର ୬୧୨ ଜଣ ନିମନ୍ତ୍ରିତ ତଥା ବରେଣ୍ୟ ବ୍ରାହ୍ମଣ ବିଶ୍ରବା ମଞ୍ଚ, ସୌନକ ମଞ୍ଚ, ଉପମନ୍ୟୁ ମଞ୍ଚ ଓ ବିଶ୍ୱାମିତ୍ର ମଞ୍ଚରେ ଦିବ୍ୟ ଗ୍ରନ୍ଥ ପାଠ କରିଥିଲେ। ପୁରୀ ରାମ୍‌ଜୀ ମଠର ମହନ୍ତ ବଂଶୀଧର ଦାସ୍‌ଜୀ ମହାରାଜ୍‌ଙ୍କ ଓଁ କାର ନାଦବ୍ରହ୍ମ ପରେ ଏକ ସମୟରେ ଗ୍ରନ୍ଥ ପାଠ ଆରମ୍ଭ କରାଯାଇଥିଲା। ଦିବ୍ୟ ଗ୍ରନ୍ଥ ପଠନ ପରେ ଅଳତୀ, ପୁଷ୍ପାଞ୍ଜଳି, ପୂର୍ଣ୍ଣାହୁତି ସହିତ କାର୍ଯ୍ୟକ୍ରମ ଉଦ୍‌ଯାପିତ ହୋଇଥିଲା।

## ଏକତା ଛକରେ ଘାସିରାମ ମାଝୀଙ୍କ ପ୍ରତିମୂର୍ତ୍ତି ସ୍ଥାପନ ଦାବି



ନୂଆପଡ଼ା, ୧୫।୧୧(ସମିସ): ଏକତା ଛକରେ ସ୍ୱର୍ଗତ ମନ୍ତ୍ରୀ ଘାସିରାମ ମାଝୀଙ୍କ ପୂର୍ଣ୍ଣାବୟବ ପ୍ରତିମୂର୍ତ୍ତି ସ୍ଥାପନ କରିବାକୁ ଦାବି ହେଉଛି। ବୁଧବାର ଶ୍ରୀଘାସିରାମ ମାଝୀ ମେମୋରିଆଲ ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ପ୍ରତିନିଧି ଦଳ ଏନ୍‌ଏସି ଅଧ୍ୟକ୍ଷ ମହମ୍ମଦ ଆଦମ ଓ ଇଓ ଚନ୍ଦନ ଶତପଥୀଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଛନ୍ତି। ଏକତା ଛକରେ ପୂର୍ବତନ ମନ୍ତ୍ରୀ ଘାସିରାମ ମାଝୀଙ୍କ ଅଧା ପ୍ରତିମୂର୍ତ୍ତି ସ୍ଥାପନ ହୋଇଛି। ଏହି ପ୍ରତିମୂର୍ତ୍ତି ରକ୍ଷଣାବେକ୍ଷଣ ଅଭାବରୁ ଅସୁରକ୍ଷିତ ଓ ଅପରିଷ୍କାର ହୋଇପଡ଼ିଛି। ତେଣୁ ତାଙ୍କର ପୂର୍ଣ୍ଣାବୟବ ପ୍ରତିମୂର୍ତ୍ତି ସ୍ଥାପନ କରାଯିବାକୁ ଦାବି କରାଯାଇଛି। ସେହିପରି ଏକତା ଛକକୁ ଘାସିରାମ ମାଝୀ ଏକତା ଛକ ଓ ଏକତା ଛକ-ଗାୟତ୍ରୀ ମନ୍ଦିର ପର୍ଯ୍ୟନ୍ତ ରାଜପଥକୁ ଘାସିରାମ ମାଝୀ ମାର୍ଗ ନାମରେ ନାମକରଣ କରିବାକୁ ଦାବି ହେଉଛି। ଟ୍ରଷ୍ଟ ସଭାପତି ତଥା ତାଙ୍କ ଝିଅ ସରୋଜିନୀ ମାଝୀ, ଜିଲ୍ଲା ଆଦିବାସୀ କଲ୍ୟାଣ ସଂଘ ସଭାପତି ଭାନୁପ୍ରତାପସିଂ ମାଝୀ, ବିଜେଡି ଜିଲ୍ଲା ସମ୍ପାଦକ ସୁଧୀର ମିଶ୍ର, ଜାନ ସଭାପତି ଘନଶ୍ୟାମ ଭୋଇ, କାଉନସିଲର ମଳୟ ରଂଜନ ମଣ୍ଡଳ, ଶିବମ ପାତ୍ର, ପ୍ରଦୀପ ମୁଣ୍ଡା ପ୍ରମୁଖ ଦାବିପତ୍ର ପ୍ରଦାନ ବେଳେ ଉପସ୍ଥିତ ଥିଲେ।

## କୁଞ୍ଜାପାଲି ଆଶ୍ରମରେ ଜନଜାତୀୟ ଗୌରବ ଦିବସ

ସୁବଳୟା, ୧୫।୧୧(ସମିସ): ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ଉପଖଣ୍ଡର କୁଞ୍ଜାପାଲି ଆଶ୍ରମ ବିଦ୍ୟାଳୟ ପରିସରରେ ଶୁକ୍ରବାର ଜନଜାତି ଗୌରବ ଦିବସ ପାଳିତ ହୋଇଯାଇଛି। ଏଥିରେ ସ୍ୱତନ୍ତ୍ର ଗ୍ରାମସଭା ଓ ତାଲିମ ଶିବିର ଅନୁଷ୍ଠିତ ହୋଇଥିଲା। ପ୍ରଧାନଶିକ୍ଷକ ଶୁଭ୍ରାଂଶୁ ଶେଖର ପଣ୍ଡାଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ପ୍ରିୟଦର୍ଶିନୀ ମିର୍ଦ୍ଧା ମୁଖ୍ୟଅତିଥି ଭାବରେ ଯୋଗଦେଇଥିବା ବେଳେ ଜିଲ୍ଲା ପଞ୍ଚାୟତ ଅଧିକାରୀ ଅର୍ଜୁନ ମାଝୀ, ବ୍ଲକ ଉପାଧ୍ୟକ୍ଷ ନାରାୟଣ ଲୁହାଙ୍କ ସମେତ ଅନ୍ୟାନ୍ୟ ଅଧିକାରୀମାନେ ସମ୍ମାନିତ ଅତିଥିଭାବେ ଯୋଗଦେଇ ଜନନାୟକ ବିର୍ସା ମୁଣ୍ଡାଙ୍କ ଜୀବନୀ ତଥା ବଳିଦାନ ଉପରେ ଆଲୋକପାତ କରିଥିଲେ। ଅବସରରେ ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ପରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଶିକ୍ଷକ ସୁଜିତ୍ କର୍ମୀ ମଞ୍ଚ ପରିଚାଳନା କରିଥିବା ବେଳେ ସମସ୍ତ ଶିକ୍ଷକଶିକ୍ଷୟିତ୍ରୀ, ଅଭିଭାବକ ଏବଂ ଛାତ୍ରଛାତ୍ରୀମାନେ ଉପସ୍ଥିତ ରହିଥିଲେ। ଶେଷରେ ମାନସ ରଞ୍ଜନ କଲେତ ଧନ୍ୟବାଦ୍ ଦେଇଥିଲେ।

## ବିଭିନ୍ନ ଶିକ୍ଷାନୁଷ୍ଠାନରେ ଶିଶୁ ଦିବସ

ସୁବଳୟା, ୧୫ ।୧୧(ସମିସ): ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ବ୍ଲକ ଅନ୍ତର୍ଗତ ମୁର୍ଷୁଣ୍ଢୀସ୍ଥିତ ରଘୁନାଥ ଉଚ୍ଚ ବିଦ୍ୟାଳୟରେ ଶିଶୁ ଦିବସ ପାଳିତ ହୋଇଯାଇଛି। ଆୟୋଜିତ ସଭାରେ ପ୍ରଧାନଶିକ୍ଷକ କାଳିଆ କର୍ମୀ ସଭାପତିତ୍ୱ କରିଥିଲେ। ଚତୁର୍ଥ ଶ୍ରେଣୀ ଛାତ୍ରୀ ଆରାଧ୍ୟା ପଣ୍ଡା କାର୍ଯ୍ୟକ୍ରମକୁ ପରିଚାଳନା କରିଥିବା ବେଳେ ଶିକ୍ଷକ ନୀଳାମ୍ବର ମେହେର ସଂଯୋଜନା କରିଥିଲେ। ସମସ୍ତ ଶିକ୍ଷକଶିକ୍ଷୟିତ୍ରୀ ନିଜର ବକ୍ତବ୍ୟ ରଖିବା ସହ ସହକାରୀ ଶିକ୍ଷକ ଶ୍ରୀଧର ମହାନନ୍ଦ ଧନ୍ୟବାଦ ଅର୍ପଣ କରିଥିଲେ। କେନ୍ଦୁଝରିଆପାଲି ଆଞ୍ଚଳିକ ଉଚ୍ଚ ବିଦ୍ୟାପୀଠରେ ଆୟୋଜିତ ସଭାରେ ବରିଷ୍ଠ ଶିକ୍ଷକ ଜୀବର୍ଦ୍ଧନ ରଣା ସଭାପତିତ୍ୱ କରିଥିଲେ। ଖେଳ ଶିକ୍ଷକ ସୁରେନ୍ଦ୍ର ପ୍ରଧାନ କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ସହକାରୀଶିକ୍ଷକ ଦୀନବନ୍ଧୁ ପ୍ରଧାନ ସୁସ୍ଥ ଶିଶୁ ହିଁ ଭବିଷ୍ୟତର ରାଷ୍ଟ୍ର ନିର୍ମାତା ବୋଲି କହିଛନ୍ତି। ସହକାରୀ ଶିକ୍ଷକ ମୀନକେତନ ରଣା ଧନ୍ୟବାଦ ଅର୍ପଣ କରିଥିଲେ। ସେହିପରି ବୀରମହାରାଜପୁର ସଦରସ୍ଥିତ ବାଳିକା ଉଚ୍ଚ ବିଦ୍ୟାଳୟରେ ପ୍ରଧାନଶିକ୍ଷକ ନେତୃତ୍ୱରେ ଶୁଶୁ ଦିବସ ପାଳିତ ହୋଇଯାଇଛି।

**ଲଛିପୁର:** ସୋନପୁର ବ୍ଲକ ଚକୋରମାଲ କ୍ଲଷ୍ଟର ଡୁମେରଖୋଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଶିଶୁ ଦିବସ ପାଳିତ ହୋଇଯାଇଛି। ସ୍କୁଲର ପ୍ରଧାନଶିକ୍ଷକ ବୃନ୍ଦାବନ ସାହୁ ଜବାହର ଲାଲ ନେହେରୁଙ୍କ ଜୀବନୀ ଦେଶ ଗଠନରେ ତାଙ୍କ ଭୂମିକା ତଥା ଶିଶୁ ମାନଙ୍କୁ ସେ କେତେ ଭଲ ପାଉଥିଲେ ସେବିଷୟରେ ଛାତ୍ରଛାତ୍ରୀଙ୍କୁ ଅବଗତ କରାଇଥିଲେ। ସହକାରୀ ଶିକ୍ଷକ ଅଭିମନ୍ୟୁ ପାତ୍ର ଶିଶୁ ଦିବସ ପାଳନର ଉପଯୋଗୀତା ସମ୍ପର୍କରେ ଛାତ୍ରଛାତ୍ରୀଙ୍କୁ ଅବଗତ କରାଇଥିଲେ। ସୁରତିମୟୀ ରଣା, ବେଦୀ ରଣା, ଶିବାଶିଷ ରଣା, ନେହେରୁଙ୍କ ଜୀବନୀ ଉପରେ ବକ୍ତବ୍ୟ ପ୍ରଦାନ କରି ପୁରସ୍କୃତ ହୋଇଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ଶିକ୍ଷକ ଅଚ୍ୟୁତ ମହାକୁରଙ୍କ ସମେତ ପରିଚାଳନା କମିଟିର ସମସ୍ତ ସଦସ୍ୟ ସହଯୋଗ କରିଥିଲେ।

**ନୂଆପଡ଼ା:** ନ୍ୟାସନାଲ ସରକାରୀ ଉଚ୍ଚ ବିଦ୍ୟାଳୟରେ ଶିଶୁଦିବସ ପାଳନ ହୋଇଯାଇଛି। ପ୍ରଧାନଶିକ୍ଷକ ଗୋଲାପ ଚନ୍ଦ୍ର ସାହୁଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବେ ଶୁକ୍ରୁ ଚନ୍ଦ୍ର ବାଗ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ଉତ୍ତମ ଚରିତ୍ର ଗଠନ ପାଇଁ ପ୍ରେରଣା ଦେଇଥିଲେ। ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ ଶିଶୁମାନଙ୍କୁ ମହାପୁରୁଷ ମାନଙ୍କର ଆଦର୍ଶରେ ଅନୁପ୍ରାଣିତ ହେବାକୁ ମାର୍ଗ ଦର୍ଶନ କରିଥିଲେ। କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ବିତରଣ କରାଯାଇଥିଲା। ଶିଶୁମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ଓ ବକ୍ତୃତା, କବିତା, ଏକକ ଅଭିନୟ ପ୍ରଦର୍ଶନ କରିଥିଲେ। ସେହିପରି ଭେରା ଛକସ୍ଥିତ ମହାମାୟା ସର୍ବୋଦୟ ପବ୍ଲିକ ସ୍କୁଲରେ ଶିଶୁ ଦିବସ ପାଳିତ ହୋଇଯାଇଛି। ମହାମାୟା ଗ୍ରୁପ ଶିକ୍ଷାନୁଷ୍ଠାନ ନିର୍ଦ୍ଦେଶିକା ଜ୍ୟୋତିର୍ମୟୀ ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଶିକ୍ଷାନୁଷ୍ଠାନ ସମ୍ପାଦକ ଟଙ୍କଧର ସାହୁ ଯୋଗଦେଇଥିଲେ। ପରେ ଏକ ଶୋଭାଯାତ୍ରାରେ ବାହାରି ସହର ପରିକ୍ରମା କରିଥିଲେ। କାର୍ଯ୍ୟକ୍ରମରେ ମହାମାୟା ସର୍ବୋଦୟ ପବ୍ଲିକ ସ୍କୁଲ ଅଧ୍ୟକ୍ଷା ନିବେଦିତା ସାମନ୍ତରାୟ, ଶିକ୍ଷୟିତ୍ରୀ ବନ୍ଦିତା ସ୍ୱାଇଁ, ସୁଚିସ୍ମିତା ମହାପାତ୍ର, ସୁଜାତା ଦାସ ପ୍ରମୁଖ ଉପସ୍ଥିତ ଥିଲେ।

## ପରମ୍ପରା ବଢ଼ାଉଛି ପ୍ରଦୂଷଣ

# ପ୍ଲାଷ୍ଟିକ୍ ଡଙ୍ଗା ଯୋଗୁଁ ମହାନଦୀ ପ୍ରଦୂଷିତ

ସୋନପୁର, ୧୫।୧୧(ସମିସ)



ପବିତ୍ର ମହାନଦୀକୁ ଓଡ଼ିଶାର ଚିତ୍ରୋତ୍ପଳା ବା ଗଙ୍ଗା ବୋଲି ପୂଜା କରାଯାଏ। ଦେବଭୂମି ସୁବର୍ଣ୍ଣପୁରର ସମସ୍ତ ଧର୍ମକର୍ମରେ ମହାନଦୀ ପାଣି ଲାଗିଥାଏ। ବିଭିନ୍ନ ପର୍ବ ପର୍ବାଣୀରେ ତ୍ରିବେଣୀ ସଙ୍ଗମରେ ବୁଡ଼ ପକାଇ ବାବା ରାମେଶ୍ୱରଙ୍କୁ ଦର୍ଶନ କଲେ ଅଶେଷ ପୁଣ୍ୟ ମିଳିଥାଏ ବୋଲି ବିଶ୍ୱାସ ରହିଛି। ତେବେ କାର୍ତ୍ତିକ ପୂର୍ଣ୍ଣିମା ଦିନ ଭୋର ସମୟରେ ବୁଡ଼ ପକାଇବା ପାଇଁ ଆଖପାଖ ଜିଲ୍ଲା ଏପରିକି ଛତିଶଗଡ଼ରୁ ମଧ୍ୟ ଭକ୍ତମାନେ ଛୁଟି ଆସିଥିଲେ। ମହାନଦୀର ସମସ୍ତ ଘାଟରେ ଶୁକ୍ରବାର ଡଙ୍ଗା ଭସାଇବା ପାଇଁ ପ୍ରବଳ ଭିଡ଼ ଲାଗି ରହିଥିଲା। ଲୋକେ ମହାନଦୀରେ ଡଙ୍ଗା ଭସାଇଥିବାରୁ ଏବେ ଯେଉଁ ସ୍ଥାନକୁ ଅନାଇଲେ ହଜାର ହଜାର ପ୍ଲାଷ୍ଟିକ ଡଙ୍ଗା ଭାସୁଛି। ପୂର୍ବକାଳରେ ଲୋକେ କଦଳୀ ପଟୁଆରେ ତିଆରି ଡଙ୍ଗା ଭସାଉ ଥିଲେ। ଡଙ୍ଗାରେ ଯେଉଁ ଚାଉଳ ଆଦି ପୂଜାର୍ଚ୍ଚନା ଦ୍ରବ୍ୟ ରଖୁଥିଲେ ତାହା ମାଛ ଓ କଇଁଛ ଆଦି ବିଭିନ୍ନ ଜଳଜୀବ ଖାଇଥାନ୍ତି। ତେବେ ସୋନପୁରରେ ଚଳିତ ବର୍ଷ କଦଳୀ ପାଟୁଆ ଡଙ୍ଗା ପରିବର୍ତ୍ତେ ଅଧିକାଂଶ ଲୋକେ ରଙ୍ଗବେରଙ୍ଗର ପ୍ଲାଷ୍ଟିକ, ଜରି ଓ ସୋଲ ଆଦିରେ ପ୍ରସ୍ତୁତ ଡଙ୍ଗା ଭସାଇଥିଲେ। ଯାହା ପରିବେଶ ପ୍ରତି ଅଣଦେଖା କରାଯାଉଛି। ଏହା ଦ୍ୱାରା ମହାନଦୀ ଜଳ ବହୁମାତ୍ରାରେ ପ୍ରଦୂଷିତ ହୋଇଥିବା ମଧ୍ୟ ଅଭିଯୋଗ ହୋଇଛି। ଡଙ୍ଗାରେ ଲଗା ଯାଇଥିବା ବତୀରୁ ନିଆଁ ଲାଗି ପ୍ଲାଷ୍ଟିକ ପୋଡ଼ି ରାସାୟନିକ ଦ୍ରବ୍ୟ ପାଣିରେ ମିଶିବା ଫଳରେ ମହାନଦୀ ଜଳ ବିଶାକ୍ତ ହୋଇଥିବା ଅଭିଯୋଗ ହେଉଛି। ରାସାୟନିକ ଦ୍ରବ୍ୟ ଜଳଜୀବଙ୍କ ପାଇଁ କ୍ଷତିକାରକ ବୋଲି ମତପ୍ରକାଶ ପାଇଛି। ତେବେ ପ୍ଲାଷ୍ଟିକ ଡଙ୍ଗା ବିକ୍ରିକୁ ବାରଣ କରାଯିବା ସହ ଲୋକଙ୍କ ମଧ୍ୟରେ ସଚେତନତା ସୃଷ୍ଟିର ଆବଶ୍ୟକତା ରହିଛି ବୋଲି ବୁଦ୍ଧିଜୀବୀ ଓ ପରିବେଶବିତ୍ ମାନେ ମତପ୍ରକାଶ କରିଛନ୍ତି। ପୂର୍ବକାଳରୁ ଚାଲି ଆସୁଥିବା ପାରମ୍ପରିକ ଜିନିଷ ବ୍ୟବହାର କଲେ ପରିବେଶ ପ୍ରଦୂଷଣ ବହୁ ମାତ୍ରାରେ ରୋକା ଯାଇପାରିବ। ପରମ୍ପରାକୁ ସମ୍ମାନ ଦେଖାଇବା ସଙ୍ଗେ ସଙ୍ଗେ ପରିବେଶ ପ୍ରତି ମଧ୍ୟ ସମସ୍ତେ ସଚେତନ ରହିବା ଆବଶ୍ୟକ ବୋଲି ମତପ୍ରକାଶ ପାଇଛି।

# ବର୍ଷେ ପରେ ବି କାର୍ଯ୍ୟକ୍ଷମ ହୋଇନି ମୋବାଇଲ ଟାୱାର

**ଶଗଡା,୧୫ ।୧୧(ସମିସ):** କେନ୍ଦ୍ର ସରକାର ଡିଜିଟାଲ ଇଣ୍ଡିଆ ମାଧ୍ୟମରେ ଲୋକଙ୍କ ନିକଟରେ ସେବା ପହଞ୍ଚାଇବା ପାଇଁ ଅନେକ ଯୋଜନା କରି କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି; ହେଲେ ଆଜି ବି ଉପାନ୍ତ ଅଞ୍ଚଳର ଚିତ୍ରକୁ ଦେଖିଲେ ଏହି ଡିଜିଟାଲ ଇଣ୍ଡିଆ ଉପହାସ ପରି ମନେ ହୁଏ। ବୌଦ୍ଧ ଜିଲ୍ଲା ଉପାନ୍ତ ଅଞ୍ଚଳ କୁହାଯାଉଥିବା କଣ୍ଟାମାଳ ବ୍ଲକର ଅନେକ ଅଞ୍ଚଳରେ ଆଜି ପର୍ଯ୍ୟନ୍ତ ମୋବାଇଲ ସେବା ପହଞ୍ଚି ପାରିନାହିଁ। କଣ୍ଟାମାଳ ବ୍ଲକ ବରଗାଁ ପଞ୍ଚାୟତ ୫ଟି ଗ୍ରାମରେ ଲୋକଙ୍କୁ ମୋବାଇଲ ସେବା ଯୋଗାଇ ଦେବା ପାଇଁ ଗ୍ରାମ ଗୁଡିକରେ ଟାୱାର ସ୍ଥାପନ କରାଯାଇଥିଲା; ହେଲେ ଆଜିକୁ ଏକ ବର୍ଷରୁ ଅଧିକ ସମୟ ବିତି ଯାଇଥିଲେ ସୁଦ୍ଧା ବିଭାଗୀୟ ଅଧିକାରୀଙ୍କ ଅବହେଳା ଯୋଗୁଁ ଏହା କାର୍ଯ୍ୟକ୍ଷମ ହୋଇ ପାରିନାହିଁ। ବ୍ଲକର କୁମେଲ ବନ୍ଧ, ଗଦଗଦି ପଡା, ଡୁମାଲ ପଖାଲ, ବରଗାଁ, ମହିବିଲା ଆଦି ୫ ଖଣ୍ଡ ଗ୍ରାମରେ ଲୋକଙ୍କୁ ମୋବାଇଲ ସେବା ଯୋଗାଇ ଦେବା ଉଦ୍ଦେଶ୍ୟରେ ଟାୱାର ସ୍ଥାପନ କରାଯାଇଥିଲେ ସୁଦ୍ଧା ଲୋକ ସେବା ପାଇବାରୁ ବଞ୍ଚିତ ଅଛନ୍ତି। ମୋବାଇଲ ନେଟୱାର୍କ ନ ଥିବାରୁ ଛାତ୍ରଛାତ୍ରୀ ପାଠ ପଢ଼ାରୁ ବଞ୍ଚିତ ହେଉଥିବା ବେଳେ ସମସ୍ତ ଅନଲାଇନ କାମ ହୋଇ ପାରୁ ନାହିଁ। ଏହା ଫଳରେ ଲୋକେ ବହୁ ହଇରାଣ ହେଉଛନ୍ତି। ଛାତ୍ରଛାତ୍ରୀ ଓ ଲୋକଙ୍କ ସୁବିଧା ଦୃଷ୍ଟିରୁ ଏହି ମୋବାଇଲ ଟାୱାରଗୁଡିକୁ କାର୍ଯ୍ୟକ୍ଷମ କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।



# ହରଭଙ୍ଗା ପଞ୍ଚାୟତ: ମୃତ ହିତାଧିକାରୀଙ୍କ ନାଁରେ ବି ଚାଉଳ ଉଠୁଛି

**ହରଭଙ୍ଗା,୧୫ ।୧୧(ସମିସ)**

ବୌଦ୍ଧ ଜିଲ୍ଲା ହରଭଙ୍ଗା ବ୍ଲକ୍ ହରଭଙ୍ଗା ପଞ୍ଚାୟତରେ ମୃତ ହିତାଧିକାରୀଙ୍କ ନାମରେ ଅନ୍ତ୍ୟୋଦୟ ଅନ୍ନ ଯୋଜନାରେ ଚାଉଳ ଉଠାଣ ଭଳି ଅଭାବନୀୟ ଘଟଣା ସାମ୍ନାକୁ ଆସିଛି। ସୁରୁଣ୍ଡି ଗ୍ରାମର ସୁଶୀଳା ଭୋକ୍ତା ନାମ୍ନୀ ଜଣେ ଅବିବାହିତା ମହିଳାଙ୍କ ରାସନ କାର୍ଡ (୬୦୨୦୮୧୦୭୨୫)ରେ ଗତ ସେପ୍ଟେମ୍ବର ମାସରେ ଚାଉଳ ଉଠାଯିବା ଘଟଣା ସାଧାରଣରେ ଆଶ୍ଚର୍ଯ୍ୟ ଚକିତ କରିଛି। ଚଳିତ ବର୍ଷ ଫେବୃଆରୀ ୨୨ରେ ସୁଶୀଳାଙ୍କ ମୃତ୍ୟୁ ଘଟିଛି। ଏହାପରେ ସୁଶୀଳାଙ୍କ ନାମରେ ଚାଉଳ ଉଠିବା ଯୋଗାଣ ବିଭାଗର ସ୍ୱଚ୍ଛତା ପ୍ରତି ଅଙ୍ଗୁଳି ନିର୍ଦ୍ଦେଶ କରୁଛି। ବର୍ତ୍ତମାନ ସୁଶୀଳା ଭୋକ୍ତାଙ୍କ ବ୍ୟତୀତ ସୁରୁଣ୍ଡି ଗ୍ରାମର ରୁକ୍ମିଣୀ ମଲିକ ଏବଂ ଡିଆଁଘାଟ ଗ୍ରାମର ସ୍ୱର୍ଗତ ମନ୍ଦାର ରଣାଙ୍କ ଭଳି ନିରୀହ ଗରିବ ତଥା ନିରକ୍ଷର

### ଯୋଗାଣ ବିଭାଗର କାର୍ଯ୍ୟକଳାପକୁ ନେଇ ପ୍ରଶ୍ନ

ମୃତ ହିତାଧିକାରୀଙ୍କ ନାମରେ ଅନ୍ତ୍ୟୋଦୟ ଅନ୍ନ ଯୋଜନାରେ କିଏ ଚାଉଳ ହଡପ କରୁଛି ତାହା ତଦନ୍ତ ପରିସର ଭୁକ୍ତ ହେବା ଆବଶ୍ୟକ ରହିଛି ବୋଲି ସାଧାରଣରେ ଦାବି ହେଉଛି। ଅନ୍ୟପଟେ ପଞ୍ଚାୟତର ଅନେକ ଗ୍ରାମରେ ଏଭଳି ମୃତବ୍ୟକ୍ତିଙ୍କ ଚାଉଳ ପ୍ରତ୍ୟକ ମାସରେ ହଡ଼ପ ହେଉଥିବା ତଳ ମୁଣ୍ଡରୁ ବ୍ଲକ ପର୍ଯ୍ୟନ୍ତ ବିଭାଗୀୟ ଅଧିକାରୀଙ୍କ ସମ୍ପୃକ୍ତ ରହୁଥିବା ନେଇ ଅଭିଯୋଗ ହେଉଛି। ଏ ନେଇ ହରଭଙ୍ଗା ପଞ୍ଚାୟତ ଯୋଗାଣ ଅଧିକାରୀ ପ୍ରମୋଦ ପ୍ରଧାନଙ୍କୁ ପଚାରିବାରୁ ଅନ୍ତୋଦୟ ଅନ୍ନ ଯୋଜନାରେ ଯଦି କୌଣସି ହିତାଧିକାରୀଙ୍କ ମୃତ୍ୟୁ ଘଟିଛି ତାଙ୍କ ପରିବାର ଯେ କେହି ସଦସ୍ୟ ଚାଉଳ ନେଇ ପାରିବେ। ତେଣୁ ତାଙ୍କ ପରିବାରଙ୍କୁ ଚାଉଳ ଦିଆଯାଇଥିଲା। ଅନ୍ୟପଟେ ଆଉ ଜଣେ ହିତାଧିକାରୀଙ୍କ ମୃତ୍ୟୁ ଘଟିଥିବା ବିଭାଗ ପାଖରେ କୌଣସି ଖବର ନ ଥିଲା। ତାଙ୍କ ସମ୍ପର୍କୀୟ ଭାଇ ଆସି ଆମ ଅଜ୍ଞାତରେ ଚାଉଳ ନେଇଯାଇଛନ୍ତି ବୋଲି କହିବା ସହ ମୃତ୍ୟୁ ଘଟିଥିବା ବ୍ୟକ୍ତିଙ୍କ ଚାଉଳ ହଡ଼ପ କଥା ସମ୍ପୂର୍ଣ୍ଣ ମିଥ୍ୟା ବୋଲି ନିଜର ମତ ରଖିଛନ୍ତି।

ତେବେ ଜିଲ୍ଲା ପ୍ରଶାସନ ଏହି ସମ୍ବେଦନଶୀଳ ପ୍ରସଙ୍ଗ ପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦେବା ସହ ଦୋଷୀ ବିରୋଧରେ କାର୍ଯ୍ୟାନୁଷ୍ଠାନ ତଥା ଗରିବଙ୍କ ପ୍ରତି ହୋଇଥିବା ଅନ୍ୟାୟର ନିରପେକ୍ଷ ତଦନ୍ତ ପାଇଁ ଗ୍ରାମର ସର୍ବେଶ୍ୱର କ୍ଷେତି, ନେରେଶ ମହାକୁଡ଼, ଶିବାଜୀ ବାରିକ, ସତ୍ୟବାନ ପ୍ରଧାନ, ଖ୍ରୀଷ୍ଟଫର କର୍ମୀ ପ୍ରମୁଖ ପ୍ରଶାସନ ନିକଟରେ ଦାବି କରିଛନ୍ତି। ଅନ୍ୟଥା ଗରିବଙ୍କ ହକ୍ ପାଇଁ ଯେଉଁ ଲଢେଇ ଆରମ୍ଭ ହୋଇଛି ଆଗାମୀ ଦିନରେ ଆନ୍ଦୋଳନାତ୍ମକ ରୂପ ନେବ ବୋଲି ଚେତାବନୀ ଦେଇଛନ୍ତି।

# ଗବଯୋରକୁ ବସ୍ ଚଳାଚଳ ଦାବି

ଶଗଡା,୧୫ ।୧୧(ସମିସ): କଣ୍ଟାମାଳ ବ୍ଲକ ଶିମିଳିପଦର ପଞ୍ଚାୟତ ତେଲନଦୀ କୂଳରେ ଗବଜୋର ଗ୍ରାମ ଅବସ୍ଥିତ। ହସ୍ତତନ୍ତ କ୍ଷେତ୍ରରେ ବୁଣାକାରମାନଙ୍କ ଉଚ୍ଚକୋଟୀର ଶାଢ଼ୀ କାରୁକାର୍ଯ୍ୟରେ ଏହି ଗ୍ରାମର ନାମ ବୌଦ୍ଧ ଜିଲ୍ଲାରେ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିବା ସହିତ ଆଦର୍ଶ ଗ୍ରାମ ଭାବେ ପରିଚିତ। ଏହି ଗ୍ରାମରେ ପ୍ରାୟ ୧୫୦୦ ଲୋକ ବସବାସ କରନ୍ତି। ଏଥିରୁ ପ୍ରାୟ ୧ହଜାର ପରିବାର ମେହେର ସମ୍ପ୍ରଦାୟର। ଏହି ଗାଁ ଉପରେ ପାଖାପାଖି ୧୦ଖଣ୍ଡ ଗ୍ରାମର ଲୋକେ ଦୈନନ୍ଦିନ କାର୍ଯ୍ୟ ପାଇଁ ନିର୍ଭର କରିଥାନ୍ତି। କିଛି ବର୍ଷ ପୂର୍ବେ ଏହି ଗ୍ରାମକୁ ଏକ ଯାତ୍ରୀବାହୀ ବସ୍ ଆସୁଥିଲା। ରାତିରେ ଆସି ଭୋରରେ ପଲସାଗୋରା ଦେଇ ସୋନପୁର ଯାଉଥିଲା; କିନ୍ତୁ କିଛି ଦିନ ଚାଲିବା ପରେ ଗାଡ଼ିଟି ବନ୍ଦ ହୋଇଯାଇଥିଲା। ସେହି ଦିନଠାରୁ ଏହି ଅଞ୍ଚଳର ଲୋକେ ବହୁ କଷ୍ଟରେ ଡଙ୍ଗାରେ ତେଲନଦୀ ପାର ହୋଇ ହରଡଖୋଲ ଯାଇ ବସ୍ ଧରୁଛନ୍ତି। ୨୦୨୨ ଜୁଲାଇ ୩୧ରେ ଗବଯୋର-ବୈଦ୍ୟନାଥ ତେଲନଦୀ ଉପରେ ନିର୍ମାଣ ହୋଇଥିବା ସେତୁର ଉଦ୍‌ଘାଟନ ହୋଇଥିଲା। ଆଜିକୁ ୨ବର୍ଷ ବିତିଯାଇଥିଲେ ସୁଦ୍ଧା ଏହି ଅଞ୍ଚଳକୁ ବସ୍ ଚଳାଚଳ ହୋଇପାରିନାହିଁ। ତେଣୁ ଅଞ୍ଚଳବାସୀ ଅସନ୍ତୋଷ ପ୍ରକାଶ କରିଛନ୍ତି।

# ନବ ନିର୍ମାଣ କୃଷକ ସଂଗଠନର ବୈଠକ: ଚାଷୀଙ୍କୁ ବିଭ୍ରାନ୍ତ ନ କରିବା ପାଇଁ ଦାବି

**ସୋନପୁର,୧୫।୧୧(ସମିସ):** ନୂଆ ସରକାର ଆସିବା ପରେ ଧାନ କିଣା ବିକାକୁ ସ୍ୱଚ୍ଛ ଓ ଦୁର୍ନିତୀମୁକ୍ତ କରିବା ପାଇଁ ଯେତେ ବି ଚେଷ୍ଟା ଚଳାଇଛନ୍ତି ସୋନପୁର ଜିଲ୍ଲା ପ୍ରଶାସନ ବର୍ତ୍ତମାନ ପର୍ଯ୍ୟନ୍ତ ସେଭଳି ତତ୍ପରତା ଦେଖାଉ ନ ଥିବା ଅଭିଯୋଗ କରାଯାଇଛି। ଜିଲ୍ଲା ନବନିର୍ମାଣ କୃଷକ ସଂଗଠନର କର୍ମକର୍ତ୍ତା ଶୁକ୍ରବାର ଖବରଦାତା ସମ୍ମିଳନୀରେ ସରକାରଙ୍କ ଭିନ୍ନଭିନ୍ନ ମତଯୋଗୁଁ ଚାଷୀ ବିଭ୍ରାନ୍ତ ହେଉଥିବାର ଅଭିଯୋଗ କରିଛନ୍ତି। ପଶ୍ଚିମାଞ୍ଚଳର ଅଧିକାଂଶ ଜିଲ୍ଲାରେ କେବେଠୁ ଡିଏଲପିସି ବୈଠକ ହୋଇସାରିଥିବା ବେଳେ ଜିଲ୍ଲାରେ ଏଯାଏଁ ହୋଇନାହିଁ। ସଂଗଠନ ପକ୍ଷରୁ ବାରମ୍ବାର ଜିଲ୍ଲାପାଳଙ୍କୁ ଜଣାଇଥିଲେ ମଧ୍ୟ ଏହି ବୈଠକରେ ଚାଷୀ ପ୍ରତିନିଧି ଓ ଚାଷୀ ସଂଗଠନର ଉପସ୍ଥିତି ବହୁ ଜରୁରୀ ସତ୍ତ୍ୱେ ବୈଠକ ନେଇ ସେମାନଙ୍କୁ ଅନ୍ଧକାର ମଧ୍ୟରେ ରଖିଥିବା ସେମାନେ ଅଭିଯୋଗ କରିଛନ୍ତି। ଧାନ କିଣାବିକାରେ ନୂତନମାନ ନିର୍ଣ୍ଣୟ ପ୍ରକ୍ରିୟା ବିଷୟରେ ଚାଷୀଙ୍କୁ ସଚେତନ କରିବା ପାଇଁ କେବଳ ଜଣେ କ୍ୱାଲିଟି କଣ୍ଟ୍ରୋଲ ଅଫିସର ନାମକୁ ମାତ୍ର ସଚେତନ ସଭା କରୁଛନ୍ତି। ସଂଗଠନ ପକ୍ଷରୁ ଏହାକୁ ଆହୁରି ଫଳପ୍ରଦ କରାଯିବାକୁ ପ୍ରଶାସନ ପାଖରେ କୁହାଯାଇଛି। ସେହିଭଳି ଧାନ ନିର୍ଣ୍ଣୟ ମେସିନ୍ ସରକାର ଯେଉଁ ପଠାଇଛନ୍ତି। ତାହାର ଉପଯୋଗ କେମିତି ହେବ ଚାଷୀଙ୍କୁ ଦୃଷ୍ଟାନ୍ତ ଦେଇ ବୁଝାଇବାକୁ ପ୍ରସ୍ତାବ ଦିଆଯାଇଛି। ଚାଷୀଙ୍କୁ ଠିକ୍ ଭାବେ ସଚେତନ ନ କରି ଧାନ କଟନି ଛଟନି ଯଦି କରାଯାଏ ତାହାହେଲେ ଏହାର ଜୋରଦାର ବିରୋଧ ହେବ ବୋଲି ସଂଗଠନର ନେତ୍ରୀ ସୋନାଲି ବିଶି ଚେତାବନୀ ଦେଇଛନ୍ତି। ସମ୍ମିଳନୀରେ ବିଶିଷ୍ଟ ଚାଷୀ ନେତା ରାଜେନ୍ଦ୍ର ମିଶ୍ର, ଜିଲ୍ଲା ସଂଯୋଜକ ସୁଧିର ବଘାର, ରାଜ୍ୟ ମହିଳା ସଭାନେତ୍ରୀ ସୋନାଲି ବିଶି ଓ ଶ୍ରୀକାନ୍ତ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।



# କୃଷି ଉଦ୍ୟମୀ ତାଲିମ ଉଦ୍‌ଯାପିତ



**ବୌଦ୍ଧ,୧୫ ।୧୧(ସମିସ):** ଭାରତୀୟ ଷ୍ଟେଟ ବ୍ୟାଙ୍କ ଗ୍ରାମୀଣ ଆତ୍ମନିଯୁକ୍ତି ପ୍ରଶିକ୍ଷଣ ଅନୁଷ୍ଠାନ ତରଫରୁ କଣ୍ଟାମାଳ ବ୍ଲକ ଘିକୁଣ୍ଡି ପଞ୍ଚାୟତ କଳାରଝୁଲି ଗ୍ରାମରେ ୧୩ ଦିନ ବ୍ୟାପି ଚାଲିଥିବା କୃଷି ଉଦ୍ୟମୀ ତାଲିମ ଶିବିର ଉଦ୍‌ଯାପିତ ହୋଇଯାଇଛି। କଳାରଝୁଲି ଗ୍ରାମର ୩୦ ଜଣ ପ୍ରଶିକ୍ଷାର୍ଥୀ ଏହି ତାଲିମ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ। ଗ୍ରାମୀଣ ଆତ୍ମନିଯୁକ୍ତି ପ୍ରଶିକ୍ଷଣ ଅନୁଷ୍ଠାନ ନିର୍ଦ୍ଦେଶକ ବିଚିତ୍ର ମହାପାତ୍ର ଏବଂ ଓଡ଼ିଶା ବନାଞ୍ଚଳ ଉନ୍ନୟନ ପ୍ରକଳ୍ପ, କ୍ଷେତ୍ରୀୟ ପରିଚାଳନା ସଂସ୍ଥା ମନମୁଣ୍ଡା ତରଫରୁ ମଳୟ କାନ୍ତ ନାୟକ, ଶେଷଦେବ ଡାଙ୍ଗ ଏବଂ ବିକ୍ରମ ବିଷୋୟୀ କାର୍ଯ୍ୟକ୍ରମକୁ ଶୁଭ ଆରମ୍ଭ କରିଥିଲେ। ଏହି ତାଲିମ କାର୍ଯ୍ୟକ୍ରମରେ ତାଲିମଦାତା ଶିଶିର ମହାନ୍ତ କୃଷିର ସମସ୍ତ ଦିଗ ଉପରେ ଆଲୋକପାତ କରିବା ସହିତ ଏହାର କୌଶଳ ଶିକ୍ଷା ଦେଇଥିଲେ। ସମସ୍ତ ପ୍ରଶିକ୍ଷାର୍ଥୀ ମାନେ ବୈଷୟିକ ଜ୍ଞାନ ସହିତ କେମିତି ସଫଳ ଉଦ୍ୟୋଗୀ ହୋଇପାରିବେ ସେ ବିଷୟରେ ମଧ୍ୟ ଶିକ୍ଷା ଲାଭ କରିଥିଲେ। କାନନ ଖମାରୀ ତାଲିମ କାର୍ଯ୍ୟକ୍ରମର ପରିଚାଳନା କରିଥିଲେ।

# ଶଗଡ଼ାରେ ଶିଶୁ ଅଧିକାର ମହୋତ୍ସବ

**ମନମୁଣ୍ଡା,୧୫ ।୧୧(ସମିସ):** ଶଗଡାରେ ଶିଶୁ ଦିବସ ଉପଲକ୍ଷେ ଶିଶୁ ଅଧିକାର ମହୋତ୍ସବ ପାଳିତ ହୋଇଯାଇଛି। ଆଶା ଅନୁଷ୍ଠାନ ଆନୁକୂଲ୍ୟରେ ସ୍ଥାନୀୟ ପଞ୍ଚାୟତ ପରିସରରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠତ୍ ହୋଇଥିଲା। ସିଆରସିସି ସୁବୋଧ ମଲ୍ଲିକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଜିଲ୍ଲା ପରିଷଦ ସଭ୍ୟ ରାକେଶ ତ୍ରିପାଠୀ ମୁଖ୍ୟ ଅତିଥି ଏବଂ ସରପଞ୍ଚ ସନ୍ଧ୍ୟାରାଣି ମହାକୁଡ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଶଗଡା ଏବଂ ଗୁନ୍ଦୁଲିଆ ପଞ୍ଚାୟତର ପ୍ରାୟ ୪୦୦ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଚିତ୍ରାଙ୍କନ, ନୃତ୍ୟ, ଗୀତ, ରଚନା, ବକ୍ତୃତା ଇତ୍ୟାଦି ପ୍ରତିଯୋଗିତା କରାଯାଇଥିଲା। ଅତିଥିଗଣ କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ଦୀନବନ୍ଧୁ ଦେହୁରୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲାବେଳେ ରାଜୀବ କର୍ମୀ ଧନ୍ୟବାଦ ଦେଇଥିଲେ।



# ଜନଜାତୀୟ ଗୌରବ ଦିବସ

ହରଭଙ୍ଗା,୧୫ ।୧୧(ସମିସ): ବୌଦ୍ଧ ଜିଲ୍ଲା ହରଭଙ୍ଗା ବ୍ଲକ ଆଡେଣିଗଡ଼ ପଞ୍ଚାୟତ ମାଧପୁର କଲୋନୀ ସାହିରେ ବିର୍ସା ମୁଣ୍ଡାଙ୍କ ୧୫୦ତମ ଜୟନ୍ତୀ ପାଳିତ ହୋଇଛି। ଏହି ଅବସରରେ ଏକ ସ୍ୱତନ୍ତ୍ର ଗ୍ରାମ ସଭା (ପଲ୍ଲୀ ସଭା) ଅନୁଷ୍ଠିତ ହୋଇଥିଲା। ୱାର୍ଡ଼ ସଭ୍ୟ କିଶୋର ସାହୁ ଏଥିରେ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଭାବେ ସରପଞ୍ଚ ଅଜିତ ପ୍ରଧାନ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ସହକାରୀ ଯନ୍ତ୍ରୀ ମନୋରଞ୍ଜନ ପାତ୍ର, ଯତୀନ ମିଶ୍ର, ଅତିରିକ୍ତ ଶିକ୍ଷା ଅଧିକାରୀ ଅଖିଳ ପ୍ରଧାନ, ଏପିଓ ବସନ୍ତ ପ୍ରଧାନ, ରାଜସ୍ୱ ନିରୀକ୍ଷକ କାମଦେବ ରାଉତରାୟଙ୍କ ସମେତ ଆଦିବାସୀ ଏକତା ମଞ୍ଚର କର୍ମୀ ପ୍ରଦୀପ କହଁର ଯୋଗ ଦେଇଥିଲେ। ଉପସ୍ଥିତ ସମସ୍ତ ଜନସାଧାରଣଙ୍କୁ ମୁଖ୍ୟ ଅତିଥିଙ୍କ ଦ୍ୱାରା ପ୍ରଥମେ ନିଶା ଓ ସ୍ୱଚ୍ଛତାର ଶପଥ ପାଠ କରାଯାଇଥିଲା। ଏହାପରେ ପଞ୍ଚାୟତର ଆଦିବାସୀ ନେତା ସୁଶୀଲ ଦେହୁରୀ ସଭାର ମୁଖ୍ୟ ଉଦ୍ଦେଶ୍ୟ ତଥା ଆଦିବାସୀ ନେତା ବିର୍ସା ମୁଣ୍ଡାଙ୍କ ଉପରେ ନିଜର ଅଭିଭାଷଣ ରଖିଥିଲେ। ଦିଲ୍ଲୀପ ମଲିକ ସଭାକାର୍ଯ୍ୟ ପରିଚାଳନା କରିଥିଲେ।

# ଗମ୍ଭାରୀଗୋରା ଜଗନ୍ନାଥ ମନ୍ଦିରରେ ନାମଯଜ୍ଞ

ମନମୁଣ୍ଡା,୧୫ ।୧୧(ସମିସ): ବୌଦ୍ଧ ଜିଲ୍ଲା ବିଲାସପୁର ପଞ୍ଚାୟତ ଗମ୍ଭାରୀଗୋରାରେ ଥିବା ଶ୍ରୀ ଜଗନ୍ନାଥ ମନ୍ଦିରରେ ଚତୁର୍ଦ୍ଦଶୀ ଉତ୍ସବ ପାଳିତ ହୋଇଛି। ଏହି ଉପଲକ୍ଷେ ପ୍ରତ୍ୟେକ ବର୍ଷ ପରି ଚଳିତ ବର୍ଷ ସୁଦାମ ଖମାରୀଙ୍କ ତତ୍ତ୍ୱାବଧାନରେ ଅଷ୍ଟପ୍ରହର ନାମଯଜ୍ଞ ଅନୁଷ୍ଠିତ ହୋଇଥିଲା। ରାମଜୀ ମଠାଧିଶ ପୂଜ୍ୟ ଗୋବର୍ଦ୍ଧନ ଦାସଙ୍କ ଦ୍ୱାରା ଅଧିବାସ କରାଯାଇଥିଲା। ନାମଯଜ୍ଞରେ ଦେବାଶିଷ ଖମାରୀ ଓ ତାଙ୍କ ପତ୍ନୀ ଭୁବନେଶ୍ୱରୀ କର୍ତ୍ତା ଦାୟିତ୍ୱ ନିର୍ବାହ କରିଥିବାବେଳେ ଶୁକଦେବ ହୋତା, ଉମେଶ ହୋତା, ରମେଶ ହୋତା ପ୍ରମୁଖ ପୂଜା କର୍ମ ସମ୍ପାଦନ କରିଥିଲେ।

# ଜଗନ୍ନାଥ ମହାପ୍ରଭୁଙ୍କ ୧୪ତମ ପ୍ରତିଷ୍ଠା ଦିବସ



**ହରଭଙ୍ଗା,୧୫ ।୧୧(ସମିସ):** କାର୍ତ୍ତିକ ପୂର୍ଣ୍ଣିମା ଅବସରରେ ବୌଦ୍ଧ ଜିଲ୍ଲାର ଚାରିଛକସ୍ଥିତ ଶ୍ରୀପୁରୁଷୋତ୍ତମ ଦିବ୍ୟଧାମ ଜଗନ୍ନାଥ ମହାପ୍ରଭୁଙ୍କ ୧୪ତମ ପ୍ରତିଷ୍ଠା ଦିବସ ମହାଆଡମ୍ବରରେ ପାଳିତ ହୋଇଯାଇଛି। ଏହି ଅବସରରେ ପ୍ରଥମେ ଜଗନ୍ନାଥ ମହାପ୍ରଭୁଙ୍କ ସକାଳ ଧୂପ ପରେ କଳସ ଯାତ୍ରାରେ ଭକ୍ତମାନେ ଯାଇ ନଦୀରୁ ପାଣି ଆଣି ନିଜ ମାନସିକ ପୂରଣ ନିମନ୍ତେ ଶୁଭକଳସ ସ୍ଥାପନ କରିଥିଲେ। ପରେ ଭକ୍ତଙ୍କ ମାନସିକ ପୂରଣ ନିମିତ୍ତ ହୋମଯଜ୍ଞ, ବିଷ୍ଣୁସହସ୍ର ନାମ ଓ ହନୁମାନ ଚାଳିଶା ପାଠ ସହ ୧୦୮ ଆଳତି କରାଯାଇଥିଲା। କର୍ତ୍ତା ଅର୍ଜୁନ କହଁର ଓ ଦିଲ୍ଲୀପ ପ୍ରଧାନଙ୍କ ଦ୍ୱାରା ସମସ୍ତ ଯଜ୍ଞ କାର୍ଯ୍ୟ ସମ୍ପାଦନ ହୋଇଥଲା। କୃଷ୍ଣଚନ୍ଦ୍ର ପାଢ଼ୀ, ଜିତେନ୍ଦ୍ର ନାଥ ଦାଶ, ମନ୍ଦିର ପୁରୋହିତ ନାରାୟଣ ନନ୍ଦ ପୂଜା ସମ୍ପାଦନ କରିଥିଲେ। ଠିକିକାଯୋର ଗାଁ କମିଟି, କେଦାରେଶ୍ୱର ଶିବ ମନ୍ଦିର କମିଟି, ମା' ଦୁର୍ଗା ବଣିକ ସଂଘର ସମସ୍ତ ସଦସ୍ୟଙ୍କ ସମେତ ମହେଶ୍ୱର ନାୟକ, ସମ୍ପାଦକ ବାମଦେବ ଦାଶ,ସିକନ ନାୟକ, ଲୋକନାଥ ନାୟକ, ଚନ୍ଦ୍ରମଣି କହଁର, ସ୍ୱପନେଶ୍ୱର ଯାନୀ, ସୁବାସ ପ୍ରଧାନ, ମାନସ ବେହେରା, ଆଶିଷ ସାହୁ, ଅନାଦି ସାହୁ, ଦିଲ୍ଲୀପ ସାହୁ ଅନ୍ୟ ସମସ୍ତ ଅଞ୍ଚଳବାସୀ ଉପସ୍ଥିତ ରହି ସମସ୍ତ କାର୍ଯ୍ୟ ସମ୍ପାଦନ କରିଥିଲେ। ଏହି ଅବସରରେ ସ୍ଥାନୀୟ କୁନି କୁନି କଳାକାରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସନ୍ଧ୍ୟାରେ ବିଶ୍ୱର ମଙ୍ଗଳ ନିମନ୍ତେ ଭକ୍ତମାନଙ୍କ ଦ୍ୱାରା ୧ ହଜାର ୮ ଦୀପ ଦାନ କରାଯାଇଥିଲା।

# 'ଅଧେ ମଣିଷ ଅଧେ ଘୋଡ଼ା' ମଞ୍ଚସ୍ଥ

**ଜହ୍ନାପଙ୍କ,୧୫ ।୧୧(ସମିସ):** ବୌଦ୍ଧ ବ୍ଲକ ତେଲିବନ୍ଧ ପଞ୍ଚାୟତ ପୋଡ଼ବଲସ ଗ୍ରାମରେ ପବିତ୍ର କାର୍ତ୍ତିକ ଚତୁର୍ଦ୍ଦଶୀ ଉପଲକ୍ଷେ ଶିରୀଶ ନାଗଙ୍କ ନିର୍ଦ୍ଦେଶିତ ସାମାଜିକ ନାଟକ ଅଧେ ମଣିଷ ଅଧେ ଘୋଡା ମଞ୍ଚସ୍ଥ ହୋଇଛି। ମୁଖ୍ୟ ଅତିଥି ଭାବେ ବୌଦ୍ଧ ବ୍ଲକ ଅଧ୍ୟକ୍ଷ ପ୍ରିୟଦର୍ଶୀ ପ୍ରତ୍ୟୁଷ ରଥ ଯୋଗଦେଇ ନାଟକକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ତେଲିବନ୍ଧ ସରପଞ୍ଚ ରତ୍ନାକର ନାଏକ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ମନରଞ୍ଜନ ପୁରୋହିତ, ତେଲିବନ୍ଧ ସେବା ସମବାୟ ସମିତି ସଭାପତି ତ୍ରିପୁର ମହାକୁଡ଼, ବଶିକେଶନ ପ୍ରଧାନ, ବିକ୍ରମ ପ୍ରଧାନ, ସୁଶୀଲ ହୋତା, ନବୀନ ହୋତା, କୁନା ମେହେର ଉପସ୍ଥିତ ଥିଲେ। ଦୀନବନ୍ଧୁ ପ୍ରଧାନ ମଞ୍ଚ ପରିଚାଳନା ଓ ଧନ୍ୟବାଦ ଅର୍ପଣ କରିଥିଲେ। ନାଟକର ବିଭିନ୍ନ ଭୂମିକାରେ ଦୀନବନ୍ଧୁ ପ୍ରଧାନ, କୃପାସିନ୍ଧୁ ପ୍ରଧାନ, ଗୋପବନ୍ଧୁ ପ୍ରଧାନ, ପ୍ରମୋଦ ବେହେରା, ରାଜ ମହାକୁଳ, ରକ୍ଷାକାରି ବେହେରା, ଗୋପାଳ ବେହେରା, ଜିତେନ୍ଦ୍ର ବେହେରା, ଶାନ୍ତନୁ ବେହେରା, ଅଲେଖ ପ୍ରଧାନ, ଫକୀର ବେହେରା, କୁଳମଣି ମଲ୍ଲିକ, ମାଧବ ବେହେରା, ବେଳାରସେନ ବେହେରା, ବ୍ରଜବନ୍ଧୁ ମହାକୁଳ, ସନାତନ ବେହେରା, ଶାନ୍ତନୁ ବେହେରା ପ୍ରମୁଖ ନିଖୁଣ ଅଭିନୟ କରିଥିଲେ। ଗ୍ରାମବାସୀ ସହଯୋଗ କରିଥିଲେ।

# ଲାଣ୍ଡିବନ୍ଧରେ ସ୍ୱତନ୍ତ୍ର ଗ୍ରାମସଭା



**ବୌଦ୍ଧ,୧୫ ।୧୧(ସମିସ):** ହରଭଙ୍ଗା ବ୍ଲକ୍ ରାଧାନଗର ପଞ୍ଚାୟତ ଲାଣ୍ଡିବନ୍ଧ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ବ୍ଲକ୍ ପ୍ରଶାସନ ପକ୍ଷରୁ ଧରତୀ ଆବା ଜନଜାତୀୟ ଗ୍ରାମ ଉତ୍କର୍ଷ ଅଭିଯାନରେ ସ୍ୱତନ୍ତ୍ର ଗ୍ରାମସଭା ଅନୁଷ୍ଠିତ ହୋଇଯାଇଛି। ସ୍ୱାଧୀନତା ସଂଗ୍ରାମୀ ବିର୍ସା ମୁଣ୍ଡାଙ୍କ ୧୫୦ ତମ ଜୟନ୍ତୀ ଅବସରରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ହରଭଙ୍ଗା ବ୍ଲକ୍ ମଙ୍ଗଳ ସଂପ୍ରସାରଣ ଅଧିକାରୀ ସୂର୍ଯ୍ୟନାରାୟଣ ମିଶ୍ର ଅଧ୍ୟକ୍ଷତା କରିଥିଲେ। ରାଧାନଗର ସିଆରସିସି ପ୍ରଶାନ୍ତ ସାହୁଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ସରପଞ୍ଚ ଗଣେଶ ବେହେରା ଯୋଗ ଦେଇଥଲେ। ପ୍ରାଣୀ ସମ୍ପଦ, ସ୍ୱାସ୍ଥ୍ୟ, କୃଷି, ଉଦ୍ୟାନ କୃଷି, ଶିକ୍ଷା ଆଦି ବିଭାଗର କ୍ଷେତ୍ର ଅଧିକାରୀ ଓ ସ୍ୱେଚ୍ଛାସେବୀ ସଂସ୍ଥା ଏଲକେବିକେର ସ୍ୱେଚ୍ଛାସେବୀ ସୀତାକାନ୍ତ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# ଜିଲ୍ଲାସ୍ତରୀୟ ସମବାୟ ସପ୍ତାହ ପାଳିତ



**ବୌଦ୍ଧ,୧୫ ।୧୧(ସମିସ):** ବୌଦ୍ଧ ବୁଟୁପାଲିସ୍ଥିତ ତୁଳସୀ କଲ୍ୟାଣ ମଣ୍ଡପରେ ବୌଦ୍ଧ ସମବାୟ ଡିଭିଜନ ପକ୍ଷରୁ ନିଖିଳ ଭାରତ ସମବାୟ ସପ୍ତାହ ଅବସରରେ ଜିଲ୍ଲାସ୍ତରୀୟ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଜିଲ୍ଲାପାଳ ସୁବ୍ରତ ପଣ୍ଡା ମୁଖ୍ୟ ଅତିଥି ଭାବରେ ଯୋଗ ଦେଇ ଥିବା ବେଳେ ସମ୍ମାନୀତ ଅତିଥି ଭାବେ ବୌଦ୍ଧ ସମବାୟ କେନ୍ଦ୍ର ବ୍ୟାଙ୍କ ସଭାପତି ଅରୁଣ ପ୍ରଧାନ, ବୌଦ୍ଧ କେନ୍ଦ୍ର ସମବାୟ ବ୍ୟାଙ୍କ ମୁଖ୍ୟ ନିର୍ବାହୀ ଅଧିକାରୀ ସ୍ମିତାଶ୍ରୀ ସାହୁ, ସହକାରୀ ବୟନ ଶିଳ୍ପ ନିର୍ଦ୍ଦେଶକ ବିନାୟକ ପୃଷ୍ଟି, ଉପଖଣ୍ଡ ପ୍ରାଣୀସମ୍ପଦ ଅଧିକାରୀ ତପନ ଦ୍ୱିବେଦୀ, ସହକାରୀ ମତ୍ସ୍ୟ ଅଧିକାରୀ ଲିଲିପ୍ତା ଦାସ, ସହକାରୀ ନିବନ୍ଧକ (ସମବାୟ ସମିତି ସମୂହ) ଫକିର ଚରଣ ବାଘ ଯୋଗ ଦେଇଥିଲେ। ବୌଦ୍ଧ ସମବାୟ ଡିଭିଜନ ଉପ ନିବନ୍ଧକ ହାଡ଼ିବନ୍ଧୁ ମହାଖୁଡଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଜିଲ୍ଲାପାଳ ଶ୍ରୀ ପଣ୍ଡା ସମବାୟ ସମିତିର କାର୍ଯ୍ୟକର୍ତ୍ତା, ସଦସ୍ୟ ସଦସ୍ୟା, କର୍ମଚାରୀ ସମିତି ମାଧ୍ୟମରେ ବହୁବିଧ କାର୍ଯ୍ୟ କରି ଜିଲ୍ଲା ତଥା ରାଜ୍ୟର ପ୍ରଗତିରେ ଭାଗିଦାର ହେବାକୁ ଆହ୍ୱାନ ଦେଇଥିଲେ। ସେହିପରି ସହକାରୀ ବୟନଶିଳ୍ପ ନିର୍ଦ୍ଦେଶକ ଶ୍ରୀ ପୃଷ୍ଟି ବୟନ ଶିଳ୍ପ ଓ ବୁଣାକାରମାନଙ୍କ ପ୍ରଗତିରେ ତନ୍ତୁବାୟ ସମିତିର ଭୂମିକା ସମ୍ପର୍କରେ ଆଲୋକପାତ କରିଥିଲେ। ଅନୁରୂପ ଭାବରେ ଉପଖଣ୍ଡ ପ୍ରାଣୀସମ୍ପଦ ଅଧିକାରୀ ଏବଂ ସହକାରୀ ମତ୍ସ୍ୟ ଅଧିକାରୀ ଦୁଗ୍ଧ ସମବାୟ ସମିତି ଏବଂ ମତ୍ସ୍ୟ ସମବାୟ ସମିତି ଜରିଆରେ ବିଭିନ୍ନ ସରକାରୀ ଯୋଜନାର ଲାଭ ନେଇ ଆର୍ଥିକ ପ୍ରଗତି କରିବାକୁ ଚାଷୀଙ୍କୁ ପରାମର୍ଶ ଦେଇଥିଲେ। ବୌଦ୍ଧ ସମବାୟ ବ୍ୟାଙ୍କ ସଭାପତି ଶ୍ରୀ ପ୍ରଧାନ କୃଷକଙ୍କ ଆର୍ଥିକ ପ୍ରଗତିରେ ସମବାୟ ବ୍ୟାଙ୍କର ଭୂମିକା ସମ୍ପର୍କରେ ଆଲୋକପାତ କରିଥିଲେ। ଏହି ଅବସରରେ ମୁଣ୍ଡିପଦର ପ୍ରାଥମିକ କୃଷି ସମବାୟ ସମିତି ଏବଂ ଗଜାନନ ତନ୍ତୁବାୟ ସମିତିକୁ ସମ୍ବର୍ଦ୍ଧିତ କରାଯାଇଥିଲା। ସେହିପରି ସମବାୟ ସପ୍ତାହ ଉପଲକ୍ଷେ ଅନୁଷ୍ଠିତ ହୋଇଥିବା ପ୍ରବନ୍ଧ ଓ ବକ୍ତୃତା ପ୍ରତିଯୋଗିତାର କୃତୀ ଛାତ୍ରଛାତ୍ରୀଙ୍କୁ ଅର୍ଥରାଶି ଏବଂ ପ୍ରମାଣପତ୍ର ଦିଆଯାଇ ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ରମରେ ବୌଦ୍ଧ ଜିଲ୍ଲାର ସମସ୍ତ ସମବାୟ ସମିତିର ନିର୍ବାଚିତ କର୍ମକର୍ତ୍ତାଙ୍କ ସମେତ କର୍ମଚାରୀ ଅଂଶଗ୍ରହଣ କରିଥିଲେ।

### ଆନ୍ତଃକ୍ଲବ୍ ସିନିଅର କ୍ରିକେଟ ଟୁର୍ଣ୍ଣାମେଣ୍ଟ

# ଗ୍ରାମ୍ୟ ବିକାଶ ପରିଷଦ ବିଜୟୀ

**ବୌଦ୍ଧ,୧୫ ।୧୧(ସମିସ)**

ଓଡିଶା କ୍ରିକେଟ ଆସୋସିଏସନ ଦ୍ୱାରା ପ୍ରାୟୋଜିତ ଏବଂ ଜିଲ୍ଲା କ୍ରିକେଟ ଆସୋସିଏସନ ଆନୁକୂଲ୍ୟରେ ବୌଦ୍ଧ ଜିଲ୍ଲା ଷ୍ଟାଡିୟମରେ ଆନ୍ତଃ କ୍ଲବ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଚାଲିଛି। ଶୁକ୍ରବାର ୧୪ତମ ଦିନରେ ଜୟ ଭୈରବୀ କ୍ଲବ ଓ ଗ୍ରାମ୍ୟ ବିକାଶ ପରିଷଦ ଜହ୍ନାପଙ୍କ ମଧ୍ୟରେ ମ୍ୟାଚ ଅନୁଷ୍ଠିତ ହୋଇଥଲା। ଏଥିରେ ଗ୍ରାମ୍ୟବିକାଶ ପରିଷଦ ବିଜୟୀ ହୋଇଛି। ପ୍ରଥମ ଇନିଂସରେ ଜୟ ଭୈରବୀ କ୍ଲବ ବୌଦ୍ଧ ଟସ୍ ଜିଣି ପ୍ରଥମେ ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇ ୩୪.୪ ଓଭରରେ ସମସ୍ତ ୱିକେଟ ହରାଇ ୧୮୮ ରନ୍ କରିଥିଲା। ଦଳ ତରଫରୁ ଆସୁତୋଷ ବାରିକ ୩୫ ବଲରୁ ୩୭ ରନ୍ ଓ ଇସାନସୁ ନାମଦେବ ୬୪ ବଲରୁ ୩୫ ରନ୍ କରିଥିଲେ। ଗ୍ରାମ୍ୟବିକାଶ ପରିଷଦ ତରଫରୁ ଡିକେନ କୁମାର ନାୟକ ଓ ତନୁଷ ଦେ ଉଭୟ ୩ଟି ଲେଖାଏଁ ୱିକେଟ ନେଇଥିଲେ। ଦ୍ୱିତୀୟ ଇନିଂସରେ ଗ୍ରାମ୍ୟ ବିକାଶ ପରିଷଦ ଜହ୍ନାପଙ୍କ ୩୨ ଓଭରରେ ୮ଟି ୱିକେଟ ହରାଇ ୧୯୨ ରନ୍ କରି ଦଳକୁ ବିଜୟୀ କରିଥିଲା। ଦଳ ତରଫରୁ ସଞ୍ଜୟ ସାହୁ ୨୫ ବଲରୁ ୩୯, ସୌରଭ ତ୍ରିପାଠୀ ୭୦ ବଲରୁ ୫୬ ରନ୍ କରିଥିଲେ। ଜୟ ଭୈରବୀ କ୍ଲବ ଇସାନସୁ ନାମଦେବ ଓ ବିଶ୍ୱଜିତ ମହାଲିକ ଉଭୟେ ୩ଟି ଲେଖାଏଁ ୱିକେଟ ନେଇଥିଲେ।

ଆଜିର ମ୍ୟାଚରେ ମ୍ୟାନ ଅଫ ଦି ମ୍ୟାଚ ଭାବେ ଡିକେନ କୁମାର ନାୟକ ପୁରସ୍କୃତ ହୋଇଥିଲେ। ଖେଳରେ ଅମ୍ପାୟାର ଭାବେ ମ୍ୟାଚକୁ ରଞ୍ଜିତ ରଞ୍ଜନ ଚାନ୍ଦ ଓ ସ୍ୱାଧୀନ ବେହେରା ଖେଳ ପରିଚାଳନା କରିଥିବାବେଳେ ସ୍ୱାଗତ ଦେହୁରୀ ସ୍କୋରର ଦାୟିତ୍ୱ ତୁଲାଇଥିଲେ। ଶନିବାର ଗେହ୍ଲାମା କ୍ଲବ୍ ବୌଦ୍ଧ ଓ ମହାନଦୀ ସ୍ପୋର୍ଟିଂ ମଧ୍ୟରେ ମ୍ୟାଚ ଅନୁଷ୍ଠିତ ହେବ।



## ଜନଜାତୀୟ ଗୌରବ ଦିବସ ପାଳିତ

# ‘ମାନବିକ ଅଧିକାର ପ୍ରତିଷ୍ଠାରେ ବିର୍ସା ମୁଣ୍ଡାଙ୍କ ଭୂମିକା ଅତୁଳନୀୟ’

**ନୂଆପଡ଼ା/ଖରିଆରରୋଡ଼, ୧୫।୧୧(ସମିସ)**

ନୂଆପଡ଼ା ଜିଲ୍ଲା ଅନୁସୂଚିତ ଜାତି ଓ ଜନଜାତି କର୍ମଚାରୀ ସଂଘ ଓ ରାଜ୍ୟ ଅନୁସୂଚିତ ଜାତି ଓ ଜନଜାତି କର୍ମଚାରୀ କଲ୍ୟାଣ ସମନ୍ୱୟ ପରିଷଦ ଆନୁକୂଲ୍ୟରେ ‘ଧରତୀ ଆବ୍ବା’ ବିର୍ସା ମୁଣ୍ଡାଙ୍କ ୧୪୯ତମ ଜନ୍ମଜୟନ୍ତୀ ଖରିଆରରୋଡ଼ରେ ପାଳିତ ହୋଇଯାଇଛି। ସଂଘ ସଭାପତି ଦେବରାଜ ମାଝୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ପ୍ରଥମ ଅଧିବେଶନରେ ଅତିରିକ୍ତ ଜିଲ୍ଲାପାଳ ଭୀମସେନ ଶବର ମୁଖ୍ୟଅତିଥି ଓ ଡଃ. ବାସୁଦେବ ସୁନାନୀ ମୁଖ୍ୟ ବକ୍ତା ଓ ସମ୍ମାନିତ ଅତିଥି ରୂପେ ଅବସରପ୍ରାପ୍ତ ଯୁଗ୍ମ ସଚିବ ଜୟ ବସନ୍ତ ଖାଲକୋ ଓ ସ୍ତ୍ରୀ ଓ ପ୍ରସୂତି ବିଶେଷଜ୍ଞ ଡଃ. ବିଦ୍ୟାଧର ନାଗ ଯୋଗଦେଇ ମାନବିକ ଅଧିକାର ପ୍ରତିଷ୍ଠାରେ ବିର୍ସା ମୁଣ୍ଡାଙ୍କ ଭୂମିକା ଉପରେ ଆଲୋଚନା କରିଥିଲେ। ପରେ ଜିଲ୍ଲା ଉନ୍ନୟନ ଅଧିକାରୀ ଲମ୍ବୋଦର ଧରୁଆ, ମୁଖ୍ୟଅତିଥି, ଉପ-ଜିଲ୍ଲାପାଳ ଯୋଗେନ୍ଦ୍ର ମାଝୀ ସମ୍ମାନିତ ଅତିଥି ରୂପେ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବରେ ଜିଲ୍ଲା ଶ୍ରମ ଅଧିକାରୀ ବିରେନ୍ଦ୍ର ବାର୍ଲା, ଜିଲ୍ଲା ନିଯୋଜନ ଅଧିକାରୀ ବିନୋଦ ପ୍ରକାଶ ଲାକ୍ରା, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଅନ୍ତର୍ଯ୍ୟାମୀ ବଳିୟାର ସିଂ, ବିଡିଓ ନୂଆପଡ଼ା ରୋହିତ ଭୋଇ, ଡେପୁଟି ଜିଲ୍ଲାପାଳ ହେମନ୍ତ ପୁଟା, ସହାୟକ ଜିଲ୍ଲାପାଳ ରମେଶ ମାହାର, କୁରୁକ୍ଷେତ୍ର ନାଏକ, ଗୋଷ୍ଠୀ ଶିକ୍ଷା ଅଧିକାରୀ ହେମସାଗର ମହାନନ୍ଦ, ସହାୟକ ନିର୍ଦ୍ଦେଶକ, ପରିସଂଖ୍ୟାନ ବିଭାଗ ତିଲେଶ୍ୱର ଧରୁଆ, ଜିଲ୍ଲା ପ୍ରକଳ୍ପ ନିର୍ଦ୍ଦେଶକ ମିଶନ ଶକ୍ତି, ସୁଶିଲ କୁମାର ମଲ୍ଲିକ, ଜୟସେନ ଧରୁଆ, କାର୍ଯ୍ୟନିର୍ବାହୀ ଅଧିକାରୀ ଟିଟିଲାଗଡ଼, ଅତିରିକ୍ତ ତହସିଲଦାର ମୋହନ କୁମାର ମୁଣ୍ଡା ପ୍ରମୁଖ ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ଜିଲ୍ଲାର ସମସ୍ତ ଜିଲ୍ଲା ଓ ବ୍ଲକସ୍ତରୀୟ ଅଧିକାରୀ ଓ କର୍ମଚାରୀ ତଥା ସଂଘ ଓ ସମସ୍ତ ବ୍ଲକର କର୍ମକର୍ତ୍ତା ଯୋଗଦେଇଥିଲେ।






**ନୂଆପଡ଼ା:** ସଦର ବ୍ଲକ ଅଧୀନ ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗ ଦ୍ୱାରା ପରିଚାଳିତ ସରକାରୀ ଉଚ୍ଚ ବିଦ୍ୟାଳୟ ଧରମବନ୍ଧାରେ ‘ଅଭିଭାବକ ଆମ ସହଭାଗୀ’ କାର୍ଯ୍ୟକ୍ରମ ସହ ଜନଜାତୀୟ ଗୌରବ ଦିବସ ତଥା ଧରତୀ ଆବ୍ବା ଭଗବାନ ବିର୍ସା ମୁଣ୍ଡାଙ୍କ ଜନ୍ମବାର୍ଷିକୀ ପାଳିତ ହୋଇଯାଇଛି। ପ୍ରଧାନଶିକ୍ଷକ ପ୍ରକାଶ ମିଶ୍ରଙ୍କ ସଭାପତିତ୍ୱରେ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଧରମବନ୍ଧାର ପୂର୍ବତନ ସରପଞ୍ଚ ତଥା ବରିଷ୍ଠ ଆଦିବାସୀ ନେତା ମାନବେନ୍ଦ୍ର ସିଂ ମାଝୀ, ସମ୍ମାନିତ ଅତିଥି ଭାବରେ ଧରମବନ୍ଧା ଗ୍ରାମ ପଞ୍ଚାୟତ ସମିତି ସଭ୍ୟା ନଳିନୀ ମାଝୀ, ବିଦ୍ୟାଳୟ କମିଟିର ସଭାପତି ଖଗେଶ୍ୱର ମାଝୀ ତଥା ମୁଖ୍ୟବକ୍ତା ଭାବରେ ବରିଷ୍ଠ ଶିକ୍ଷକ ଘନଶ୍ୟାମ ସୁନ୍ଦର ମାଝୀ ମଞ୍ଚାସୀନ ଥିଲେ। ଛାତ୍ରଛାତ୍ରୀଙ୍କ ମଧ୍ୟରେ ଝୋଟି ଓ ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହୋଇ ପୁରସ୍କୃତ କରାଯାଇଥିଲା। ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। କାର୍ଯ୍ୟକ୍ରମକୁ ଶିକ୍ଷକ ଜୟକିଷନ ମେହେର ପରିଚାଳନା କରିଥିବା ବେଳେ ବ୍ରିଜଲାଲ ଦଣ୍ଡସେନା ଧନ୍ୟବାଦ ଅର୍ପଣ କରିଥିଲେ।

**କୋମନା:** କୋମନା ବ୍ଲକ ପରିସରରେ ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ଧରତୀ ଆବ୍ବା ଭଗବାନ ବିର୍ସାମୁଣ୍ଡାଙ୍କ ୧୫୦ ତମ ଜନ୍ମ ଜୟନ୍ତୀ ପାଳନର ଜିଲ୍ଲାସ୍ତରୀୟ ସମାରୋହ ପାଳିତ ହୋଇଯାଇଛି। ସମଗ୍ର ଦେଶରେ ଏହି ଦିନକୁ ଜନଜାତୀୟ ଗୌରବ ଦିବସ ହିସାବରେ ପାଳନ କରାଯାଉଛି। ପ୍ରଧାନମନ୍ତ୍ରୀ ବିହାରର ଯାମୁଇରେ ବିଶାଳ ଆଦିବାସୀ ସମାରୋହରେ ଯୋଗଦେଇ ସେମାନଙ୍କ ପାଇଁ ନିର୍ମିତ ୬୦୦୦ କୋଟି ଟଙ୍କାର ବିଭିନ୍ନ ପ୍ରକଳ୍ପଗୁଡ଼ିକର ଉଦଘାଟନ ଓ ଶିଳାନ୍ୟାସ କରିଛନ୍ତି। ଏବେ ଦେଶରେ ଆଗାମୀ ୫ ବର୍ଷ ଧରି ଧରତୀ ଆବ୍ବା ଜନଜାତି ଗ୍ରାମୀଣ ଉତ୍କର୍ଷ ଅଭିଯାନ ଚାଲିବ। କୋମନା ବ୍ଲକପଡ଼ିଆରେ ହଜାରହଜାର ଆଦିବାସୀ ଏବଂ ଆଦିମ ଜନଜାତିଙ୍କ ବିଶାଳ ସାଧାରଣ ସଭାର ଆୟୋଜିତ ହୋଇଥିଲା। ଜିଲ୍ଲାପାଳ ମଧୁସୂଦନ ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସମାରୋହରେ ନୂଆପଡ଼ା ବିଧାୟକ ରାଜେନ୍ଦ୍ର ପ୍ରସାଦ ଢୋଲକିଆ ମୁଖ୍ୟଅତିଥି ରୂପେ ଯୋଗଦେଇଥିଲେ। ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ଲମ୍ବୋଦର ଧରୁଆ, ଉପଜିଲ୍ଲାପାଳ ଯୋଗେନ୍ଦ୍ର ମାଝୀ, ଜିଲ୍ଲା ପରିଷଦ ସଦସ୍ୟ ଭାନୁ ମାଝୀ, ଆଦିବାସୀ ପ୍ରତିନିଧି ହୋମ ସିଂ ମାଝୀ, ଦୃଷ୍ଟି ମାଝୀ, ମୁରଲୀ ଭୋଇ, ସାଂସଦ ପ୍ରତିନିଧି ପ୍ରେମ୍ ଅଗ୍ରୱାଲ ପ୍ରମୁଖ ଯୋଗଦେଇ ମହାତ୍ମା ଗାନ୍ଧୀ ଓ ବିର୍ସା ମୁଣ୍ଡାଙ୍କ ଫଟୋଚିତ୍ରରେ ପୁଷ୍ପାଞ୍ଜଳୀ ପ୍ରଦାନ କରିଥିଲେ। ଜିଲ୍ଲା ମଙ୍ଗଳ ଅଧିକାରୀ ଦୀପ୍ତିମନ୍ତ ଭୋଇ ଓ କୋମନା ବିଡିଓ ସିତାଂଶୁ ସାମଲ ସମାରୋହ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମରେ ଜିଲ୍ଲାର ଯେଉଁ ଗ୍ରାମରେ ଜନସଂଖ୍ୟାର ୫୦ ପ୍ରତିଶତରୁ ଅଧିକ ଆଦିବାସୀ ଅଛନ୍ତି ସେହିପରି ୨୬୦ଟି ଗ୍ରାମକୁ ସାମିଲ୍ କରାଯାଇଛି। ଅବସରରେ ବିଧାୟକ, ଜିଲ୍ଲାପାଳ ଓ ଅତିଥିମାନେ ଜନଜାତି ବିକାଶର ବାର୍ତ୍ତା ଘରେଘରେ ପହଞ୍ଚାଇବା ପାଇଁ ଏକ ପ୍ରଚାର ରଥକୁ ଶୁଭାରମ୍ଭ କରିଥିଲେ। ଆଦିବାସୀ ପୁରୁଷ ଏବଂ ମହିଳାଙ୍କୁ ଘର ଡିହପଟ୍ଟା ବଣ୍ଟନ କରିଥିଲେ। ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ବିଦ୍ୟାପତି ପଣ୍ଡା, ଜିଲ୍ଲା ଶିଳ୍ପକେନ୍ଦ୍ର ମ୍ୟାନେଜର ସମୀର ମୁଦୁଲି, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ସଙ୍ଗୀତା ପାତ୍ର, ଏଲଡିଏମ୍ ସୀତାରାମ ମେହେର ଓ ଅନ୍ୟାନ୍ୟ ଜିଲ୍ଲାସ୍ତରୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ।

## ୪ଟି ଦୋକାନରରୁ ସିରିଜ୍ ଚୋରି

**ମୁରିବାହାଲ, ୧୫।୧୧(ସମିସ):** ବଲାଙ୍ଗୀର ଜିଲ୍ଲା ମୁରିବାହାଲ ଥାନା ଅଞ୍ଚଳରେ ଦିନକୁ ଦିନ ଅପରାଧୀଙ୍କ ଅପରାଧିକ କାର୍ଯ୍ୟକଳାପ ବଢ଼ିବାର ଲାଗିଛି।ଗତ କିଛିଦିନ ତଳେ ସ୍ୱଷ୍ଟ ଦିବାଲୋକରେ ଜଣେ କିଓସ୍କ ମାଲିକ ଏବଂ ଏବଂ ତାଙ୍କ ଭଉଣୀଙ୍କୁ ଦୁର୍ବୃତ୍ତ ଅଟକାଇ ଟାଙ୍ଗିଆ ଦେଖାଇ ଭୟଭିତ କରିବା ସହ ସେମାନଙ୍କ ଠାରୁ ୭ ଲକ୍ଷ ୩୦ ହଜାର ଟଙ୍କା ଲୁଟିନେଇଥିଲେ। ଗୁରୁବାର ରାତିରେ ମୁରିବାହାଲ ଥାନାର ମାତ୍ର ଅଧା କିଲୋମିଟର ଦୂରରେ ଥିବା ଶୁଭ୍ରସାଇ ଷ୍ଟୋର ସମେତ ୪ଟି ଦୋକାନରୁ ସିରିଜ୍ ଚୋରି ହୋଇଛି। ଶୁଭ୍ରସାଇ ଷ୍ଟୋରର ସଟର ତାଲାକୁ ଭାଙ୍ଗି ଦୋକାନ ଭିତରୁ ନଗଦ ୧୭, ୮୦୦ ଟଙ୍କା ସହ ଦୋକାନର ଅନେକ ବିକ୍ରୟ ସାମଗ୍ରୀ ଚୋରି କରି ନେଇଛନ୍ତି। ସେହିପରି ଶ୍ରୀକ୍ରିଷ୍ଣ ମେଡ଼ିକାଲ ଷ୍ଟୋର ସମେତ ଗ୍ରାହକଙ୍କୁ ଅନଲାଇନ୍ ଅର୍ଡର୍‌ର ସାମଗ୍ରୀ ଯୋଗାଉଥିବା ଏକ କୋରିୟର ଅଫିସ ଏବଂ ଏକ ଅନ୍ୟ ଦୋକାନର ତାଲା ଭାଙ୍ଗି ଚୋରି ଉଦ୍ୟମ କରି ଚୋର ବିଫଳ ହୋଇଥିବା ଦେଖିବାକୁ ମିଳିଛି। ଅପରାଧିକ ଘଟଣାକୁ ନିୟନ୍ତ୍ରଣ କରିବାକୁ ବଲାଙ୍ଗୀର ଏସ୍‌ପି ସ୍ୱତନ୍ତ୍ର ଦୃଷ୍ଟି ଦେବାକୁ ସ୍ଥାନୀୟ ଲୋକେ ଦାବି କରିଛନ୍ତି।

## ଜନଜାତୀୟ ଗୌରବ ଦିବସ ପାଳିତ

**ବଲାଙ୍ଗିର, ୧୫।୧୧(ସମିସ):** ବଲାଙ୍ଗିର କୋଶଳକଳା ମଣ୍ଡପ ପଡ଼ିଆରେ ଜନଜାତିୟ ଗୌରବ ଦିବସ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବରେ ବଲାଙ୍ଗିର ସାଂସଦ ସଙ୍ଗୀତା କୁମାରୀ ସିଂ ଦେଓ, ରାଜ୍ୟସଭା ସାଂସଦ ନିରଞ୍ଜନ ବିଶି, ବଲାଙ୍ଗିର ବିଧାୟକ କଳିକେଶ ନାରାୟଣ ସିଂ ଦେଓ, କଣ୍ଟାବାଞ୍ଜି ବିଧାୟକ ଲକ୍ଷ୍ମଣ ମେହେର, ପୌରାଧ୍ୟକ୍ଷା ଲିକା ସାହୁଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ। ସଭା ପ୍ରାରମ୍ଭରେ ବିର୍ସା ମୁଣ୍ଡାଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା। ଅତିଥିମାନେ ବକ୍ତବ୍ୟ ରଖି ସହୀଦ ବିର୍ସା ମୁଣ୍ଡାଙ୍କ ସ୍ମୃତିଚାରଣ କରିଥିଲେ। ପରେ ଭୂମିହୀନ ଆଦିବାସୀଙ୍କୁ ପଟ୍ଟା ବଣ୍ଟନ କରାଯାଇଥିଲା। ଏହି ଅବସରରେ ପ୍ରଦର୍ଶନୀ ମେଳାର ଆୟୋଜନ କରାଯାଇଥିଲା। ବଲାଙ୍ଗିର ଜିଲ୍ଲାର ବିଭିନ୍ନ ଅଞ୍ଚଳରୁ ଆଦିବାସୀ ଭାଇଭଉଣୀମାନେ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ।

## ସ୍ୱାମୀ ନିର୍ଲିପ୍ତାନନ୍ଦ ସରସ୍ୱତୀଙ୍କ ବଲାଙ୍ଗିର ଆଗମନ

**ବଲାଙ୍ଗିର, ୧୫।୧୧(ସମିସ):** ଦିବ୍ୟ ଜିବନ ସଂଘର କେନ୍ଦ୍ରୀୟ ଉପସଭାପତି ସ୍ୱାମୀ ନିଲିପ୍ତା ନନ୍ଦ ସରସ୍ୱତୀ ଆଧ୍ୟାତ୍ମିକ କାର୍ଯ୍ୟକ୍ରମରେ ଦୁଇ ଦିନିଆ ବଲାଙ୍ଗିର ଗସ୍ତରେ ଆସିଛନ୍ତି। ସଂଘ କାର୍ଯ୍ୟାଳୟ ଠାରେ ବିରାଟ ଆଧ୍ୟାତ୍ମିକ ଚିନ୍ତନ ସମାରୋହରେ ୩୨୦ ଜଣ ସ୍ୱାଧ୍ୟାୟୀଙ୍କୁ ମନ୍ତ୍ର ଦିକ୍ଷା ପ୍ରଦାନ କରି ଜୀବନର ଗୁଢ ତତ୍ତ୍ୱର ପରାକାଷ୍ଠା ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ସଂଘର ସଭାପତି ଶିବାନନ୍ଦ ଦାଶ, ସମ୍ପାଦକ ରଘୁନାଥ ବାବୁ, ଉପଦେଷ୍ଟା ପ୍ରଫେସର ମଧୁ ସୁଦନ ପତି, ଡ.ନିତ୍ୟାନନ୍ଦ ଦାଶ ଠାକୁର ପ୍ରମୁଖ ଶତାଧିକ କାର୍ଯ୍ୟକର୍ତ୍ତା ଆଧ୍ୟାତ୍ମିକ ଚେତନା ସମାରୋହରେ ସଂଯୋଜିତ ହୋଇ ବିଭୁ କୃପା ଲାଭ କରିଥିଲେ। କାର୍ଯ୍ୟକ୍ରମରେ ବଲାଙ୍ଗିର ବହୁ ଭଗବତ ପିପାସୁ ଯୋଗଦେଇ ଆଧ୍ୟାତ୍ମିକ ପ୍ରେରଣା ଲାଭ କରିଥିଲେ।

## ରୁଷୁଡା ପଞ୍ଚାୟତରେ ଗୌରବ ଦିବସ ପାଳନ

**ରୁଷୁରା, ୧୫।୧୧(ସମିସ):** ବଲାଙ୍ଗୀର ଜିଲ୍ଲା ଗୁଡଭେଲା ବ୍ଲକ ରୁଷୁଡା ପଞ୍ଚାୟତର ସଭାଗୃହରେ ଶୁକ୍ରବାର ଦିନ ବିର୍ସା ମୁଣ୍ଡାଙ୍କ ଜୟନ୍ତୀ ଉପଲକ୍ଷେ ଜାତୀୟ ଗୌରବ ଦିବସ ପାଳନ କରାଯାଇଛି। ରୁଷୁଡା ସରପଞ୍ଚ କୈଳାସ ବେହେରାଙ୍କ ଅଧ୍ୟକ୍ଷତାରେ ପଲ୍ଲିସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ରୁଷୁଡା ପଞ୍ଚାୟତର ଶତାଧିକ ଆଦିବାସୀ ମହିଳା ଉପସ୍ଥିତ ଥିଲେ। ସରପଞ୍ଚ ନିଶାମୁକ୍ତ ଓ ସ୍ୱଚ୍ଛତା ଗାଁ କରାଇବାକୁ ଶପଥ କରାଇବା ସହିତ ଆଦିବାସୀ ମାନଙ୍କ ଅଧିକାର ବିଷୟରେ ବୁଝାଇଥିଲେ। ମୁଖ୍ୟ ଅତିଥି ଭାବେ ବିଡ଼ିଓ ସୌମ୍ୟକାନ୍ତ ବାଙ୍ଗୋଲା ଏବଂ ସମ୍ମାନିତ ଅତିଥି ଭାବେ ପିଓ ସୁମନ୍ତ ନାଏକ ଯୋଗଦାନ କରିଥିଲେ।

# ବିର୍ସା ମୁଣ୍ଡାଙ୍କୁ ଶ୍ରଦ୍ଧାଞ୍ଜଳି



**ଟିଟିଲାଗଡ଼, ୧୫।୧୧(ସମିସ):** ବିଶିଷ୍ଟ ସଂଗ୍ରାମୀ ଆଦିବାସୀ ନେତା ବିର୍ସା ମୁଣ୍ଡାଙ୍କ ଜୟନ୍ତୀ ପାଳନ ଅବସରରେ ଜନଜାତୀୟ ଗୌରବ ଦିବସ ପାଳନ ପରିପ୍ରେକ୍ଷୀରେ ଶୁକ୍ରବାର ଟିଟିଲାଗଡ଼ ବ୍ଲକ ବିଜେପୁର ପଞ୍ଚାୟତର ଆଦିବାସୀ ବହୁଳ ଗୋଖରୁଙ୍ଗ ଗ୍ରାମରେ ସ୍ୱତନ୍ତ୍ର ପଲ୍ଲୀସଭା ଓ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ସଭାରେ ଅତିଥିବୃନ୍ଦ ବିର୍ସା ମୁଣ୍ଡାଙ୍କ ପଲ୍ଲୀସଭା ସଭାପତି ଶୁକଲ ମହାନନ୍ଦଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବ୍ଲକ କଲ୍ୟାଣ ସମ୍ପ୍ରସାରଣ ଅଧିକାରୀ ଦେବାଶିଷ ମିଶ୍ର, ସରପଞ୍ଚ ହୃଷିକେଶ ବାଗ, ସମିତି ସଭ୍ୟ ରୀତା ମଲ୍ଲିକ, ୱାର୍ଡମେମ୍ବର ଅଞ୍ଜଳି ରଣା, ଏସସିଏସଟି ମିଳିତ ମଞ୍ଚ ସଭାପତି ଗଜପତି କାଲସାଇ, ସମାଜସେବି ଜିତୁ କାଲସାଇ ପ୍ରମୁଖ ବିର୍ସା ମୁଣ୍ଡାଙ୍କ ଜୀବନୀ ଉପରେ ଆଲୋକପାତ କରିଥିଲେ। ପଞ୍ଚାୟତନିର୍ବାହୀ ଅଧିକାରୀ ସୁଶିଲ ମିଶ୍ର ସ୍ୱଚ୍ଛତା ରକ୍ଷା ଏବଂ ନିଶା ନିବାରଣ ସଂକଳ୍ପ ଶପଥ ପାଠ କରାଇଥିଲେ। ଜୟନ୍ତୀ ଅବସରରେ ବିଦ୍ୟାଳୟ ପରିସରରେ ଚାରାରୋପଣ କରାଯାଇଥିଲା।ଏଡ଼ିଡିଓ ଉମେଶ ବରଗର୍ତ୍ତି ସଭା ପରିଚାଳନା କରିଥିବା ବେଳେ ଦକ୍ଷତା ବିକାଶ ବ୍ଲକ ସଂଯୋଜକ ସେକ ଅଞ୍ଜୁମ ଧନ୍ୟବାଦ ଅର୍ପଣ କରିଥିଲେ। ବିନୋଦ ବରଗର୍ତ୍ତି, ଅଙ୍ଗନବାଡ଼ି କର୍ମୀ ଜାହ୍ନବୀ ରଣା, ଆଶା କଲ୍ୟାଣୀ ମାଝୀ, ଭକ୍ତିଲତା ରଣା, ଗାଁସାଥି ସର୍ଜନ ମହାନନ୍ଦ, ମିଳିତ ମଞ୍ଚ ସମ୍ପାଦକ ସୁଭାଷ ମହାନନ୍ଦ, ସିଆରପି, ଏମ୍‌ବିକେ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହାୟତା କରିଥିଲେ।

## ତୁରେକେଲାରେ ବିର୍ସା ମୁଣ୍ଡା ଜୟନ୍ତୀ

**କଣ୍ଟାବାଞ୍ଜି, ୧୫।୧୧(ସମିସ):** ବଲାଙ୍ଗିର ଜିଲ୍ଲା ତୁରେକେଲା ବ୍ଲକ ସଦର ମହକୁମାର ଠାରେ ଶୁକ୍ରବାର ଅନୁସୂଚୀତ ଜାତି ଓ ଜନଜାତି ମିଳିତ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ କ୍ରାନ୍ତିକାରୀ ବୀର ସହିଦ ବିର୍ସା ମୁଣ୍ଡାଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ଏହି ଅବସରରରେ ବ୍ଲକ କାର୍ଯ୍ୟାଳୟ ସମ୍ମୁଖୀନ ବିର୍ସା ମୁଣ୍ଡା ସ୍ଥାପନ କରାଯାଇଥିଲା। ପରେ ଶୋଭାଯାତ୍ରାରେ ଗାଁ ବସ୍ତି ପରିକ୍ରମା କରି ସ୍ଥାନୀୟ ଆମ ବଗିଚା ନିଟରେ ସଭାର ଆୟୋଜନ କରାଯାଇଥିଲା। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବଲାଙ୍ଗିର ଜିଲ୍ଲା ସ୍ୱତନ୍ତ୍ର ଉନ୍ନୟନ ପରିଷଦ ପୂର୍ବତନ ଉପାଧ୍ୟକ୍ଷ ନିରୁପମା ମାଝି ଯୋଗ ଦେଇଥିଲେ। ବିଶ୍ୱମିତ୍ର ଛତ୍ରିଆ, ସୁରୁ ଝାଙ୍କର, ମନୋଜ ତାଣ୍ଡି, ଯୋଶ ମାଝୀ, ଦିଲିପ ନାଗ, ଅମର ସିଂ ମାଝୀ, ଧନ ସିଂ ମାଝୀ ସହ ଶତାଧିକ ସଦସ୍ୟ ଉପସ୍ଥିତ ଥିଲେ।

## ଇସି କୁକୁଡା ଫାର୍ମକୁ ନା

# ପ୍ରସ୍ତାବିତ ଫାର୍ମସ୍ଥଳୀ ବୁଲିଦେଖୁନାହାନ୍ତି ସରପଞ୍ଚ

**ବଲାଙ୍ଗିର, ୧୫।୧୧(ସମିସ):** ମହିଳାଙ୍କ ପ୍ରଗତି ହେଉଛି ଦେଶର ପ୍ରଗତି। ତେଣୁକରି ମହିଳାମାନଙ୍କୁ ସ୍ୱାବଲମ୍ବୀ କରିବା ପାଇଁ ସରକାର ନାନା ଯୋଜନା କରୁଛନ୍ତି। ସେମାନଙ୍କୁ ଆଗକୁ ବଢ଼ିବାକୁ ପ୍ରୋତ୍ସାହିତ କରୁଛନ୍ତି। ହେଲେ ସରକାରଙ୍କ ନାରୀ ଶସକ୍ତୀକରଣ କାର୍ଯ୍ୟକ୍ରମରେ ବାଧକ ସାଜିଛନ୍ତି ଜଣେ ମହିଳା ସରପଞ୍ଚ।ଏଭଳି ଅଭିଯୋଗ ବଲାଙ୍ଗିର ଜିଲ୍ଲା ପାଟଣାଗଡ଼ ବ୍ଲକ ଅର୍ନ୍ତଗତ ମରୁଆଁ ପଞ୍ଚାୟତର ପଣ୍ଡରିପାଣି ଗ୍ରାମରୁ ଆସିଛି। ପ୍ରକାଶ ଯେ ପଣ୍ଡରୀପାଣି ଗ୍ରାମର ପର୍ଶୁରାମ ପଟେଲଙ୍କ ଝିଅ ଅନିତା ପଟେଲ ତାଙ୍କର ପୈତୃକ ଜମିରେ ଏକ ଇସି କୁକୁଡା ଫାର୍ମ କରିବାକୁ ଯୋଜନା କରିଛନ୍ତି। ଏହି ଫାର୍ମ ନିର୍ମାଣ ପାଇଁ ସେ ଆବେଦନ କରିଥିବା ବେଳେ ଏଥିପାଇଁ ଏକ ଅନୁମତି ପ୍ରମାଣପତ୍ର (ଏନଓସି)ର ଆବଶ୍ୟକତା ରହିଛି। ଏହି ଏନଓସି ପ୍ରମାଣପତ୍ର ପଞ୍ଚାୟତର ସରପଞ୍ଚଙ୍କ ଦ୍ୱାରା ପ୍ରଦାନ କରାଯିବାର ବିଧି ରହିଛି। ହେଲେ ଏନଓସି ପାଇଁ ଆବେଦନ କରିବାର ୭ ମାସ ବିତିଯାଇଥିଲେ ହେଁ ମରୁଆଁ ପଞ୍ଚାୟତର ସରପଞ୍ଚ ବର୍ତ୍ତମାନ ସୁଦ୍ଧା ଏନଓସି ପ୍ରମାଣପତ୍ର ପ୍ରଦାନ କରିନାହାନ୍ତି। ଏପରିକି ଆବେଦନ ଓ ବାରମ୍ବାର ନିବେଦନ ସତ୍ତ୍ୱେ ସରପଞ୍ଚ ପ୍ରସ୍ତାବିତ ପ୍ରକଳ୍ପ ସ୍ଥାନ ପରିଦର୍ଶନ କରିବାକୁ ଯାଇନାହାନ୍ତି। ଶେଷରେ ଅନିତା ପଟେଲ ନିରପାୟ ହୋଇ ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହୋଇଥିଲେ। ଏ ସମ୍ପର୍କରେ ସରପଞ୍ଚଙ୍କୁ ଯୋଗାଯୋଗ କରିବାକୁ ଚେଷ୍ଟା କରିଥିଲୁ। ହେଲେ ବବିତା ପରୁଆଙ୍କ ସହିତ କଥା ନହୋଇ ତାଙ୍କର ସ୍ୱାମୀଙ୍କ ସହିତ କଥା ହେବାକୁ ପଡ଼ିଥିଲା। ସେ କହିଥିଲେ ଯେ ପଣ୍ଡରିପାଣି ଗ୍ରାମବାସୀ ଏହି ପ୍ରକଳ୍ପକୁ ବିରୋଧ କରି ସରପଞ୍ଚଙ୍କୁ ଏକ ଅଭିଯୋଗ ପତ୍ର ଦେଇଛନ୍ତି। କିନ୍ତୁ କେବେ ଦେଇଛନ୍ତି କଣ ଉଲ୍ଲେଖ କରି ଅଭିଯୋଗ ପତ୍ର ଦିଆଯାଇଛି ତାହା କହିନଥିଲେ ସରପଞ୍ଚଙ୍କ ସ୍ୱାମୀ। ଅପରପକ୍ଷେ ଗ୍ରାମବାସୀଙ୍କ ଅଭିଯୋଗ ସମ୍ପର୍କରେ ଜାଣିନାହାନ୍ତି ଆବେଦନକାରୀ ଅନିତା ପଟେଲ କିମ୍ବା ତାଙ୍କର ପରିବାର ଲୋକେ। ଅନିତା ପଟେଲ ସରକାରଙ୍କ ବିଧି ବ୍ୟବସ୍ଥା ଅନୁସାରେ ଏକ କୁକୁଡା ଫାର୍ମ କରି ସ୍ୱାବଲମ୍ବୀ ହେବାକୁ ପାଦ କାଢିଥିବା ବେଳେ ସରପଞ୍ଚଙ୍କବାଧକ ସାଜିଛନ୍ତି ବୋଲି ସେ କହିଛନ୍ତି।

## ରାଜ୍ୟସ୍ତରୀୟ ଦୌଡ଼କୁଦ ପ୍ରତିଯୋଗିତାରେ ଲିପ୍‌ସାଙ୍କୁ ସଫଳତା

**ବୀରମହାରାଜପୁର, ୧୫।୧୧(ସମିସ):** ରାଜ୍ୟସ୍ତରୀୟ ଦୌଡ଼କୁଦ ପ୍ରତିଯୋଗିତାରେ ଚମକିଲେ ସୁବର୍ଣ୍ଣପୁରର ଝିଅ ଲିପ୍‌ସା ପ୍ରଧାନ। ଭିନ୍ନ ଭିନ୍ନ ଦୁଇଟି ଇଭେଣ୍ଟରେ ସେ ପଦକ ହାସଲ କରିଛନ୍ତି। କେନ୍ଦୁଝରର ସ୍ପୋର୍ଟସ କମ୍ପ୍ଲେକ୍ସରେ ହୋଇଥିବା ୬୮ତମ ଓଡ଼ିଶା ରାଜ୍ୟସ୍ତରୀୟ ବିଦ୍ୟାଳୟ ସମୂହ ଦୌଡ଼କୁଦ ପ୍ରତିଯୋଗିତାରେ ଅଂଶଗ୍ରହଣ କରି ସେ କୃତିତ୍ୱ ହାସଲ କରିଛନ୍ତି।



ପ୍ରତିଯୋଗିତାରେ ୧୪ ବର୍ଷରୁ କମ ବାଳିକା ବର୍ଗରେ ୬ ଶହ ମିଟର ରେସ୍ ଓ ୧୬୦୦ମିଟର ରେସ୍‌ରେ ସେ ଅଂଶଗ୍ରହଣ କରି ଗୋଟିଏ ସ୍ୱର୍ଣ୍ଣ ଓ ଗୋଟିଏ କାଂସ୍ୟ ପଦକ ହାସଲ କରିଛନ୍ତି। ପ୍ରତିଯୋଗିତାରେ ସେ ୧୬୦୦ ମିଟର ରିଲେ ରେସରେ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ଲିପ୍‌ସା ପ୍ରଧାନ ଏବେ ବୀରମହାରାଜପୁର ବ୍ଲକ ଅଧୀନ ସଂଗ୍ରାମପୁର ପଞ୍ଚାୟତର ଯୁବରାଜପୁର ୟୁପି ସ୍କୁଲରେ ସପ୍ତମ ଶ୍ରେଣୀର ଛାତ୍ରୀ ଅଟନ୍ତି। ସେ ସଂଗ୍ରାମପୁର ଗ୍ରାମର ଯୁବରାଜପୁର ଗ୍ରାମର ତ୍ରିଲୋଚନ ପ୍ରଧାନ ଓ ସଂଯୁକ୍ତା ପ୍ରଧାନଙ୍କ ଝିଅ ଅଟନ୍ତି। ତାଙ୍କ ଏହି ସଫଳତାରେ ବ୍ଲକ ଅଧ୍ୟକ୍ଷା ଶାନ୍ତି ଲୁହା, ଉପାଧ୍ୟକ୍ଷ ନାରାୟଣ ଲୁହା ଓ ଜିଲ୍ଲା ଶିକ୍ଷା ଅଧିକାରୀ ଲକ୍ଷ୍ମଣ ଭୋଇ, ଡିପିଓ ସତ୍ୟନାରାୟଣ ତ୍ରୀପାଠୀ, ବୀରମହାରାଜପୁର ଗୋଷ୍ଠୀ ଶିକ୍ଷା ଅଧିକାରୀ ଶାନ୍ତନୁ କୁମ୍ଭକାର, ସପ୍ତଦୀପା ସାହିତ୍ୟ ସଂସଦର ସଭାପତି ଡ.ଦ୍ୱିତୀକୃଷ୍ଣ ପଣ୍ଡା, ପ୍ରଧାନଶିକ୍ଷକ ବ୍ରଜବିହାରୀ ପ୍ରଧାନ, ଶିକ୍ଷକ ରାଜେଶ ମେଣ୍ଡିଲୀଙ୍କ ସମେତ ତାଙ୍କ ସମସ୍ତ କୋଚ୍ ଶୁଭେଚ୍ଛା ଜଣାଇଛନ୍ତି।

## ପୌରପରିଷଦ ବୈଠକ

# ଟିଟିଲାଗଡ଼ର ବିକାଶ ପାଇଁ ସଂକଳ୍ପ

**ଟିଟିଲାଗଡ଼, ୧୫।୧୧(ସମିସ):** ଗତ ୨ ବର୍ଷ ଧରି ଟିଟିଲାଗଡ଼ ପୌର ପରିଷଦରେ ବିଜେପି କ୍ଷମତାରେ ରହିଛି। ବର୍ତ୍ତମାନ ରାଜ୍ୟରେ ବିଜେପି ସରକାର ତଥା ଟିଟିଲାଗଡ଼ରେ ପ୍ରଥମଥର ବିଜେପି ବିଧାୟକ ନିର୍ବାଚିତ ହୋଇଛନ୍ତି। ଆଗାମୀ ଦିନରେ ବିକାଶ ସୁନିଶ୍ଚିତ ବୋଲି ଗୁରୁବାର ଟିଟିଲାଗଡ଼ ପୌରପରିଷଦର ବୈଠକରେ ବଲାଙ୍ଗିର ସାଂସଦ ପ୍ରତିନିଧି ପ୍ରଶାନ୍ତ ଷଡ଼ଙ୍ଗୀ ଦୃଢୋକ୍ତି ପ୍ରକାଶ କରିଛନ୍ତି। ପୌରାଧ୍ୟକ୍ଷା ମମତା ଜୈନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଟିଟିଲାଗଡ଼ ବିଧାୟକ ନବୀନ ଜୈନ ପୌରାଞ୍ଚଳର ସାମଗ୍ରୀକ ବିକାଶ ତାଙ୍କ ମୁଖ୍ୟ ଲକ୍ଷ୍ୟ ରହିଥିବା ଦୋହରାଇ ଥିଲେ। ମୁକ୍ତା ଯୋଜନାରେ ଲକ୍ଷାଧିକ ଟଙ୍କାର ବ୍ୟାୟାମ ଉପକରଣ ସାମଗ୍ରୀ କ୍ରୟ ସହ ଖତ ହେବାକୁ ବସିଛି। ସହରର ରାସ୍ତା ଧୂଳି ଧୂସରିତ ହୋଇ ପଡ଼ିଥିବା ନେଇ ରାସ୍ତାରେ ଯାଉଥିବା ଲୋକେ ଅଣନିଶ୍ୱାସୀ ହୋଇ ପଡୁଛନ୍ତି। ଏନେଇ ପୌର ପ୍ରଶାସନ ତୁରନ୍ତ ଧୂଳି ଖିଆ ମେସିନ ବ୍ୟବସ୍ଥା କରିବାକୁ ଆଲୋଚନା ହୋଇଥିଲା। ଅନ୍ୟପକ୍ଷରେ ସହର ଉପକଣ୍ଠସ୍ଥ କୁମୁଡା ପାହାଡ଼ ପର୍ଯ୍ୟଟନ କ୍ଷେତ୍ରରେ ରହିଥିବା ଧବଳେଶ୍ୱର ପୀଠରେ ନିର୍ମିତ କଲ୍ୟାଣମଣ୍ଡପକୁ ଧବଳେଶ୍ୱର ମଣ୍ଡପ ନାମରେ ନାମିତ ସହ ଶିବପାର୍ବତୀଙ୍କ ମୂର୍ତ୍ତି ସ୍ଥାପନ ପାଇଁ ପ୍ରସ୍ତାବ ଗ୍ରହଣ କରାଯାଇଛି। ବୈଠକରେ ପୌରନିର୍ବାହୀ ଅଧିକାରୀ ସନ୍ଦୀପ ଚନ୍ଦ୍ରକାର, ଉପାଧ୍ୟକ୍ଷା ପୁଷ୍ପାମଞ୍ଜରୀ ଜାଲ, କାଉନସିଲର ଗୋପାଳକୃଷ୍ଣ ବେହେରା, ସୁନିତା ଦାଶ, ସୁଧିର ଅଗ୍ରୱାଲ, ସଞ୍ଜୁ ଗୋଏଲ, ସାବିତ୍ରୀ ବାରିକ, ସରଜୁ ଥାନାପତି, ମାନସ ସାହୁଙ୍କ ସମେତ ସମେତ ସମସ୍ତ କାଉନସିଲର, ପୌର କର୍ମଚାରୀ ଉପସ୍ଥିତ ଥିଲେ।



## ଖର୍ଲିକାନୀରେ ବିର୍ସା ମୁଣ୍ଡାଙ୍କ ପ୍ରତିମୂର୍ତ୍ତି ଅନାବରଣ

**ବଲାଙ୍ଗିର, ୧୫।୧୧(ସମିସ):** ବଲାଙ୍ଗିର ଜିଲ୍ଲା ସଦର ବ୍ଲକ ଅର୍ନ୍ତଗତ ଖର୍ଲିକାନୀରେ ଆଦିବାସୀ ମୁଣ୍ଡା ସମାଜ ତରଫରୁ ସ୍ୱାଧୀନତା ସଂଗ୍ରମୀ ସହୀଦ ବିର୍ସାମୁଣ୍ଡାଙ୍କ ଜୟନ୍ତୀ ପାଳନ କରାଯାଇଛି। ଏହି ଅବସରେ ସହିଦ ବିର୍ସାମୁଣ୍ଡାଙ୍କ ପ୍ରତିମୂର୍ତ୍ତି ଅନାବରଣ କରାଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବରେ ବଲାଙ୍ଗିର ବିଧାୟକ କଳିକେଶ ନାରାୟଣ ସିଂ ଦେଓ ଯୋଗଦେଇ ପ୍ରତିମୂର୍ତ୍ତି ଅନାବରଣ କରିଥିଲେ।ତାଙ୍କ ସହିତ ସଦର ବ୍ଲକ ଅଧ୍ୟକ୍ଷା ସରିତା ବାଗ ଓ ପୌରାଧ୍ୟକ୍ଷା ଲିକା ସାହୁ ଉପସ୍ଥିତ ଥିଲେ। ବିଧାୟକ କଳିକେଶ ନାରାୟଣ ସିଂ ଦେଓ ସହୀଦ ବିର୍ସା ମୁଣ୍ଡାଙ୍କ ସ୍ମୃତିଚାରଣ କରି ତାଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। କାର୍ଯ୍ୟକ୍ରମରେ ଆଦିବାସୀ ମୁଣ୍ଡା ସମାଜର ମାନ୍ୟଗଣ୍ୟ ବ୍ୟକ୍ତିବୃନ୍ଦ ଓ ଅନ୍ୟମାନେ ଉପସ୍ଥିତ ଥିଲେ।



## କୁଟୁମଡୋଲା ଫୁଟବଲ ପ୍ରତିଯୋଗିତା

# ଫାଇନାଲରେ ସକମା ବିଜେତା, କୁଶଙ୍ଗ ଉପବିଜେତା

**ବଲାଙ୍ଗିର, ୧୫।୧୧(ସମିସ):** କୁଟୁମଡୋଲା ପଞ୍ଚାୟତ ଅନ୍ତର୍ଗତ କୁଟୁମଡୋଲା ଖେଳ ପଡ଼ିଆରେ ପ୍ରଗତି ଯୁବକ ସଂଘ ଆନୁକୂଲ୍ୟରେ ଅନୁଷ୍ଠିତ ଫୁଟବଲ ପ୍ରତିଯୋଗିତା ଉଦ୍‌ଯାପିତ ହୋଇଯାଇଛି। ୬ ଦିନ ଧରି ଚାଲିଥିବା ପ୍ରତିଯୋଗିତାରେ ସର୍ବମୋଟ ସର୍ବମୋଟ ୧୬ ଟି ଦଳ ଯୋଗ ଦେଇଥିଲେ। ଫାଇନାଲ ଖେଳରେ ସକମା ଫୁଟବଲ ଦଳ କୁଶଙ୍ଗ ଫୁଟବଲ ଦଳକୁ ନିର୍ଦ୍ଧାରିତ ସମୟ ମଧ୍ୟରେ ଦୁଇଟି ଗୋଲ ଦେଇ ୨-୧ରେ ବିଜୟ ହୋଇ ଚାମ୍ପିଅନ ଆଖ୍ୟା ଅର୍ଜନ କରିଥିଲେ। ପ୍ରତିଯୋଗିତା ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟ ଅତିଥି ଭାବରେ ପୂର୍ବତନ ଆଇନମନ୍ତ୍ରୀ ନରସିଂହ ମିଶ୍ର ଯୋଗ ଦେଇ ବିଜେତା ଓ ଉପବିଜେତା ଦଳକୁ ଟ୍ରଫି ଓ ନଗଦ ଅର୍ଥ ରାଶି ଦ୍ୱାରା ପୁରସ୍କୃତ କରିଥିଲେ। ଏହି ଅବସରରେ ଶ୍ରୀ ମିଶ୍ର ବକ୍ତବ୍ୟରେ କୁଟୁମଡୋଲାର ଲୋକେ ପ୍ରବଳ ଶିକ୍ଷା ପ୍ରେମୀ ଅଟନ୍ତି। ଏଠାକାର ଲୋକେ କେବଳ ଶିକ୍ଷା ନୁହେଁ କ୍ରୀଡ଼ାକୁ ମଧ୍ୟ ପ୍ରାଧାନ୍ୟ ଦେଉଛନ୍ତି। ଉଚ୍ଚ କୋଟିର ପ୍ରତିଯୋଗିତା ଆୟୋଜନ କରି ଲୋକଙ୍କ ମଧ୍ୟରେ ଉତ୍ତମ ଖେଳାଳି ମନୋଭାବ ଜାଗ୍ରତ କରିବାରେ ସହଯୋଗ କରୁଛନ୍ତି।ମୁଖ୍ୟବକ୍ତା ଭାବେ କୁଟୁମଡୋଲା କଲେଜର ଅଧ୍ୟାପକ ସୁରେଶ ଚନ୍ଦ୍ର ଷଡଙ୍ଗି ଯୋଗଦେଇ କ୍ରୀଡାବିତଙ୍କୁ ଉତ୍ସାହିତ କରିଥିେ। ପ୍ରତିଯୋଗିତା ପ୍ରଥମାର୍ଦ୍ଧରେ ସ୍ୱତନ୍ତ୍ର ଅତିଥି ଭାବରେ ପବିତ୍ର କୁମାର କୁମାର ବେହେରା ଅତିରିକ୍ତ ଜିଲ୍ଲାପାଳ ବଲାଙ୍ଗିର ଯୋଗ ଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ଫାଇନାଲ ଖେଳ ପରେ ବରଗଡ଼ ମହିଳା ଫୁଟବଲ ଦଳ ଓ ଟିଟିଲାଗଡ଼ ମହିଳା ଦଳ ମଧ୍ୟରେ ଚିତାକର୍ଷକ ମ୍ୟାଚ୍ ହୋଇଥିଲା। ଉଦ୍‌ଯାପନି ଉତ୍ସବରେ ଅନ୍ୟଅତିଥି ଭାବରେ କୈଳାସ ଚନ୍ଦ୍ର ସିଂଦେଓ, ଘାସିରାମ ପଟେଲ, ଶଶିଭୂଷଣ ପଟେଲ, କସ୍ତୁବ ସାହୁ, ଟଙ୍କଧର ଗଡ଼ତ୍ୟା ପ୍ରମୁଖ ଯୋଗଦେଇଥିଲେ।

## ହାତୀ ପିଠିରେ କଂସ ମହାରାଜା ଙ୍କ ନଗର ପରିକ୍ରମା

# ଚିତ୍ତାକର୍ଷକ ଅଘୋରୀ ନୃତ୍ୟରେ ଦର୍ଶକ ବିମୋହିତ

**କଣ୍ଟାବାଞ୍ଜି, ୧୫।୧୧(ସମିସ)**

ଢୋଲ, ନିଶାନ, ତାସା, ଏବଂ ଘୁମୁରା, ଘଣ୍ଟବାଦ୍ୟ, ଅଘୋରୀ କଳାକାରଙ୍କ ବାଦ୍ୟ ଓ ନୃତ୍ୟରେ କମ୍ପିଲା ମଥୁରା ନଗରୀ ବଙ୍ଗୋମୁଣ୍ଡା। ପାତ୍ର ମନ୍ତ୍ରୀଙ୍କ ସହ ହସ୍ତୀ ପିଠିରେ ବସି ମହାରାଜ କଂସଙ୍କ ମଥୁରା ନଗରୀ ପରିକ୍ରମା। ରଥରେ ବସି କୃଷ୍ଣବଳରାମଙ୍କ ଶୋଭାଯାତ୍ରାରେ ହଜାର ହଜାର ଲୋକ ସାମିଲ ହୋଇଥିଲେ। ଅଘୋରୀଙ୍କ ଚିତ୍ତାକର୍ଷକ ନୃତ୍ୟ ସହ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଓ ଦର୍ଶକଙ୍କର ମନମୋହିଲା। ଅପରାହ୍ନରୁ ସନ୍ଧ୍ୟା ପର୍ଯ୍ୟନ୍ତ ମହାରାଜ କଂସଙ୍କ ନଗର ପରିକ୍ରମା, କୃଷ୍ଣ ବଳରାମଙ୍କ ମଥୁରା ଭ୍ରମଣ, ଅଘୋରୀ ନୃତ୍ୟରେ ହଜାର ହଜାର ଦର୍ଶକ ଝୁମି ଉଠିଥିଲେ। ପଶ୍ଚିମ ଓଡ଼ିଶାର ବରିଷ୍ଠ କଳାକାର ରବୀନ୍ଦ୍ର ସାହୁ କଂସ ଭୂମିକାରେ ଅଭିନୟ କରିଥିଲେ। ମହାରାଜ କଂସ ନଗର ପରିକ୍ରମା ସମୟରେ ରାଜୁଡା ଅମଳର ଜମିଦାର ବଖରୀକୁ ଯାଇଥିଲେ।ସେଠାରେ ଜମିଦାର ଶରତ ଚନ୍ଦ୍ର ସିଂ ଭୋଇଙ୍କ ସହ ବହୁ ଲୋକ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ। କଂସ ମହାରା ରଙ୍ଗମଞ୍ଚକୁ ପହଞ୍ôଚବା ପରେ ରାଜକାର୍ଯ୍ୟସହ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।ଶାନ୍ତି ଶୃଙ୍ଖଳା ପାଇଁ ପୁଲିସ ମୁତୟନ ହୋଇଥିବା ବେଳେ ଆୟୋଜନ କମିଟି ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଛି। ମିନା ବଜାର, ଆକାଶ ଦୋଳି, ବ୍ୟବସାୟିକ ଷ୍ଟଲ୍‌ରେ ବହୁ ଲୋକଙ୍କ ଭିଡ଼ ପରିଲକ୍ଷିତ ହେଉଛି।



